# ପ୍ରେରଣା

ଅକ୍ଟୋବର, ୨୦୧୯ ସଂସ୍କରଣ



ପ୍ରତିଷ୍ଠାତା

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

# ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

■ ଅକ୍ଟୋବର, ୨୦୧୯ ସଂସ୍କରଣ

**ପ୍ରତିଷ୍ଠାତା**

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

**ଆମସହ ଯୋଗାଯୋଗ**

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଜହ୍ନିତଇଳା, ବାରଦା, ଢେଙ୍କାନାଳ

ଇମେଲ୍-editor@preranaodia.com,ଦୂରଭାଷ–8908279130

# ଛବିଟିଏ ପାଇଁ ପଦଟିଏ

The image speaks

ଏକ ଛବିର ସୀମିତ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତାତ୍ମକ ଭାବ ଦ୍ୱାରା ନୂତନ ସାହିତ୍ୟର ସୃଷ୍ଟି ତଥା ପ୍ରିୟ ଲେଖକ/ଲେଖିକା ମାନଙ୍କ ମନରେ ଓଡିଆ ସାହିତ୍ୟ ପ୍ରତି ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ "ଛବିଟିଏ ପାଇଁ ପଦଟିଏ" ଏକ କ୍ଷୁଦ୍ର ପ୍ରଚେଷ୍ଟା ।

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ଅକ୍ଟୋବର ୨୦୧୯ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ଅକ୍ଟୋବର ୨୦୧୯ ସଂସ୍କରଣର ବିଜେତା ଲେଖିକା ଶୁଭଲକ୍ଷ୍ମୀ ବିରଞ୍ଚି ଦାସଙ୍କୁ ଅଭିନନ୍ଦନ । ଲେଖିକାଙ୍କ କଲମରୁ...

ହେ ମାତା ସତ୍ୟାନନ୍ଦ ସ୍ୱରୂପିଣୀ ମୁକ୍ତକେଶୀ ଉତ୍କର୍ଷିଣୀ,
ଶିବଦୂତି ଭବାନୀ ମା' ତ୍ରିନେତ୍ରା ଶୂଳଧାରିଣୀ ।

ସର୍ବ ଦାନବ ଘାତିନୀ ମାତା ଭବ୍ୟା ଚଣ୍ଡମୁଣ୍ଡ ବିନାଶିନୀ,
ତ୍ରିପୁରସୁନ୍ଦରୀ ମହିଷାମର୍ଦ୍ଦିନୀ ଦୁର୍ଗେ ଦୁର୍ଗତିନାଶିନୀ ।

ଶାରଦୀୟ ଶୋଭାବନେ ମା' ଗୋ ଆସ ଅବତରି,
ଧୂପ-ଦୀପ ନୈବେଦ୍ୟ ଅର୍ପଣ କରୁଛି ନତଃମସ୍ତକେ ସୁମରି ।



ଶୁଭଲକ୍ଷ୍ମୀ ବିରଞ୍ଚି ଦାସ

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ଵରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

"ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।"

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**- ସମ୍ପାଦକ**

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ ଓ ଶ୍ରୀ ହୃଦୟାନନ୍ଦ ପଧାନ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି, ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

**। ଇତି ।**

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ପଦ୍ୟ ଏବଂ ଗୋଟିଏ ଗଦ୍ୟ ) ଲେଖା ପଠାଇ ପାରିବେ ।

- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନ କରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।

- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।

- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

• ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ । ତେଣୁ ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

# ସମ୍ପାଦକୀୟ...



ଆଧୁନିକ ଯୁଗରେ ବିଜ୍ଞାନର ଦ୍ରୁତ ଅଗ୍ରଗତି ସାଙ୍ଗକୁ ଯେଉଁ କେତୋଟି ଉଦ୍ଭାବନ ମନୁଷ୍ୟର କାର୍ଯ୍ୟ-ଦକ୍ଷତା କ୍ଷେତ୍ରରେ ଅଦ୍ଭୁତପୂର୍ଣ୍ଣ ପରିବର୍ତ୍ତନ ଆଣିପାରିଛି, ସେଥି ମଧ୍ୟରୁ କମ୍ପ୍ୟୁଟରର ସ୍ଥାନ ସର୍ବାଗ୍ରେ । ଏହାକୁ ମନୁଷ୍ୟର ଶ୍ରେଷ୍ଠତମ ସୃଷ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ । କମ୍ପୁଟର କହିଲେ ସାଧାରଣତଃ ଏକ ପୋଗ୍ରାମେବଲ୍ ଇଲେକଟ୍ରୋନିକ୍ ଯନ୍ତ୍ର ଯିଏ ୟୁଜର୍ ଠାରୁ ତଥ୍ୟ ଗ୍ରହଣକରି ପୂର୍ବ ଲିଖିତ ନିୟନ୍ତ୍ରିତ ପ୍ରୋଗ୍ରାମିଙ୍ଗ୍ ବା ସଫ୍ଟୱେର ଦ୍ୱାରା ତଥ୍ୟ ପ୍ରୋସେସିଂ କରାଏ ଏବଂ ଆବଶ୍ୟକ ସ୍ଥଳେ ତଥ୍ୟ ସଂରକ୍ଷଣ କରିଥାଏ, ପରିଶେଷରେ ୟୁଜରକୁ ଆବଶ୍ୟକ ମୁତାବକ ଫଳାଫଳ ପ୍ରଦାନ କରିଥାଏ ।


ୟୁଜର୍ ଦୃଷ୍ଟିକୋଣରୁ ଏହା ଏକାଧିକ କାର୍ଯ୍ୟକୁ ଏକସଙ୍ଗରେ କରୁଥିବାରୁ ଏହାକୁ ମଲ୍ଟିଟାସ୍କିଙ୍ଗ୍ ଯନ୍ତ୍ର କୁହାଯାଇଥାଏ ।

କମ୍ପ୍ୟୁଟର ନାମ ଟି କମ୍ପ୍ୟୁଟ୍ ନାମକ ଶବ୍ଦରୁ ଆସିଛି, ଯାହାର ଅର୍ଥ ହେଉଛି ଗଣନା କରିବା । ପ୍ରଥମେ କମ୍ପ୍ୟୁଟରକୁ କେବଳ ଗଣନା କାର୍ଯ୍ୟ ପାଇଁ ବ୍ୟବହାର କରାଯାଉଥିଲା । କମ୍ପ୍ୟୁଟରର ବିକାଶଧାରା ଖ୍ରୀ.ପୂ ପଞ୍ଚମ ଶତାବ୍ଦୀରୁ ଚାଲିଆସିଛି । ପ୍ରଥମ ଜେନେରେସନ କମ୍ପ୍ୟୁଟରରେ ଏକାଧିକ ଭ୍ୟାକ୍ୟୁମ୍ ଟ୍ୟୁବ୍ ବ୍ୟବହାର କରାଯାଇଥିଲା । ଭ୍ୟାକ୍ୟୁମ୍ ଟ୍ୟୁବର




ଆକାର ବହୁତ ବଡ ହୋଇଥିବାରୁ କମ୍ପ୍ୟୁଟରର ଆକାର ଘର ସଦୃଶ ଥିଲା । ଏହାଠାରୁ ପ୍ରଚୁର ପରିମାଣର ଉତ୍ତାପ ଉତ୍ପନ୍ନ ହେଉଥିଲା । ସ୍ମୃତିକୋଷର ଅଭାବ ହେତୁ ତଥ୍ୟ ସଂରକ୍ଷଣରେ ଅସୁବିଧା ଓ ଅତ୍ୟଧିକ ବିଦ୍ୟୁତଶକ୍ତିର ଅପଚୟ ଏହାର ପ୍ରମୁଖ ଅଭାବ ଥିଲା । ସମୟକ୍ରମେ ବିଜ୍ଞାନର ଅଗ୍ରଗତି ସାଙ୍ଗକୁ ଟ୍ରାଞ୍ଜିଷ୍ଟରର ଉଦ୍ଭାବନ ହେଲା ।

ଦ୍ୱିତୀୟ ଜେନେରେସନ କମ୍ପୁଟରରେ ୪୦ ଗୋଟି ଭ୍ୟାକ୍ୟୁମ୍ ଟ୍ୟୁବ୍ ବଦଳରେ ଗୋଟିଏ ଟ୍ରାଞ୍ଜିଷ୍ଟର ବ୍ୟବହୃତ ହେଲା । କମ୍ପୁଟରର ଆକାର ବହୁତ ଛୋଟ ହୋଇଗଲା । ସ୍ମୃତିକୋଷ ଯୋଗୁଁ କମ୍ପୁଟର ତଥ୍ୟ ସରଂକ୍ଷଣ କରିପାରିଲା । ବିଦ୍ୟୁତଶକ୍ତିର ଅପଚୟ ବହୁତ କମ୍ ହୋଇଗଲା । କ୍ରମଶଃ କେତେ ଗୁଡିଏ ଟ୍ରାଞ୍ଜିଷ୍ଟରକୁ ନେଇ ଇଣ୍ଟିଗ୍ରେଟେଡ୍ ସର୍କିଟର ଉଦ୍ଭାବନ ହେଲା । ଯଦ୍ୱାରା ହଜାର ହଜାର ଟ୍ରାଞ୍ଜିଷ୍ଟରକୁ ଗୋଟିଏ ଚିପ୍ ମଧ୍ୟରେ ରଖିହେଲା । ତୃତୀୟ ଜେନେରେସନ କମ୍ପୁଟରରେ ବ୍ୟବହୃତ ଇଣ୍ଟିଗ୍ରେଟେ୍ଡ ସର୍କିଟ୍ କମ୍ପୁଟର କାର୍ଯ୍ୟକ୍ଷମତାରେ ଅଭୁତପୂର୍ବ ପରିବର୍ତ୍ତନ ଆଣିପାରିଥିଲା । କମ୍ପୁଟରର ଆକାର ଅପେକ୍ଷାକୃତ ବହୁତ ଛୋଟ ହୋଇପାରିଥିଲା । ସରଂକ୍ଷଣ କ୍ଷମତାରେ ବୃଦ୍ଧି ଘଟିଥିଲା । ପରବର୍ତ୍ତୀ ସମୟରେ ମାକ୍ରୋପ୍ରୋସେସର ଉଦ୍ଭାବନ ଚତୁର୍ଥ ଜେନେରେସନ କମ୍ପୁଟରର ଚିତ୍ର ବଦଳାଇ ଦେଇଥିଲା ।







ତଥ୍ୟ ସରଂକ୍ଷଣ କ୍ଷମତାରେ ଅତ୍ୟଧିକ ବୃଦ୍ଧି ବା ବୃହତ୍ ସ୍ମୃତିକୋଷ ସାଙ୍ଗକୁ ତୀବ୍ରବେଗ, ସଠିକତା, ବହୁକାର୍ଯ୍ୟ ନିପୁଣତା ଆଦିଗୁଣ ଏହି ଜେନେରେସନର କମ୍ପ୍ୟୁଟରକୁ ଅଧିକ ଲୋକପ୍ରିୟତା କରିପାରିଥିଲା । ପ୍ରଥମ ଠାରୁ




ତୃତୀୟ ଜେନେରେସନ ପର୍ଯ୍ୟନ୍ତ କମ୍ପ୍ୟୁଟର କେବଳ ବୈଜ୍ଞାନିକ, କମ୍ପ୍ୟୁଟର ବିଶେଷଜ୍ଞମାନଙ୍କ ବ୍ୟବହାରରେ ସୀମିତ ଥିଲା । କିନ୍ତୁ ଚତୁର୍ଥ ଜେନେରେସନର କମ୍ପ୍ୟୁଟର ସାଧାରଣ ଲୋକଙ୍କ ଦ୍ୱାରା ବ୍ୟବହୃତ ହୋଇପାରିଲା । ବର୍ତ୍ତମାନ ସମୟରେ ଆମେ ବ୍ୟବହାର କରୁଥିବା କମ୍ପ୍ୟୁଟର ହେଉଛି ପଞ୍ଚମ ଜେନେରେସନର କମ୍ପ୍ୟୁଟର । ଆଜି ଆର୍ଟିଫିସିଆଲ୍ ଇଣ୍ଟେଲିଜେନସର ବ୍ୟବହାର କମ୍ପ୍ୟୁଟର କାର୍ଯ୍ୟକ୍ଷମତାକୁ ଅଧିକ ସ୍ୱୟଂକ୍ରିୟ



କରାଇପାରିଛି । ଏହାସହ ଲକ୍ଷାଧିକ ଆପ୍ଲିକେସନ୍ ସଫ୍ଟୱେର ବିବିଧ କାର୍ଯ୍ୟ ସମ୍ପାଦନା କରୁଛି ।

ବର୍ତ୍ତମାନ ମନୁଷ୍ୟ ସମ୍ପୂର୍ଣ୍ଣ ଭାବରେ କମ୍ପୁଟର ଉପରେ ନିର୍ଭରଶୀଳ, କାରଣ ଏହି ଯନ୍ତ୍ରଟିର ବହୁବିଧ ବିଶେଷତ୍ୱ ମନୁଷ୍ୟକୁ ବହୁମାତ୍ରାରେ ପ୍ରଭାବିତ କରୁଅଛି । ଏହା ଦ୍ୱାରା ଅନେକ କାର୍ଯ୍ୟ ଅତି ସହଜରେ, ଖୁବ୍ କମ୍ ସମୟରେ ସଠିକତାର ସହ ହୋଇପାରୁଛି । ମନୁଷ୍ୟର ନିଷ୍ପତି ନିର୍ଦ୍ଧାରଣରେ ଏକ ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସୂଚନାକୁ ଆବଶ୍ୟକ ଅନୁସାରେ ଉପଯୋଗ କରିବା ପାଇଁ କମ୍ପୁଟରର ଆବଶ୍ୟକତା ରହିଛି । ତେଣୁ, ଆଜି ପ୍ରତ୍ୟେକ ବ୍ୟକ୍ତିକୁ କମ୍ପୁଟର ସମ୍ପର୍କରେ ଜ୍ଞାନ ଆହରଣ କରିବା ଅପରିହାର୍ଯ୍ୟ ହୋଇଯାଇଛି ।



*****

**ଦେବୀ ପ୍ରସାଦ ସ୍ୱାଇଁ**

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | **ଅନ୍ତରଙ୍ଗ ଆଳାପ** | | ୨୧ |
| | **ପଦ୍ୟ ବିଭାଗ** | | |
| ୧. | ଜନ୍ମଭୂମି | ଲଳିତକବି ଧ୍ରୁବ ଚରଣ ସ୍ୱାଇଁ | ୨୬ |
| ୨. | ଆତ୍ମୀୟତା ନା ଆକର୍ଷଣ | ସଂଯୁକ୍ତା ରାଉତ | ୨୯ |
| ୩. | ବିଶ୍ୱାସ | ସୂର୍ଯ୍ୟ ମାଝୀ | ୩୨ |
| ୪. | ଆହା କି ଦିନର ଆରମ୍ଭ | ସତ୍ୟ ରଞ୍ଜନ ମିଶ୍ର | ୩୪ |
| ୫. | ସମୟ | ଶ୍ରୀକ୍ଷେତ୍ର ସୁନ୍ଦର | ୩୭ |
| ୬. | ନିବେଦନ | ସୁବାସ ଚନ୍ଦ୍ର ମୁଦୁଲି | ୩୯ |
| ୭. | ରଣଭୂମି | ସ୍ମୃତି ସାଗରିକା ମହାନ୍ତି | ୪୧ |
| ୮. | ଦେବୀ ପରି ଆଉ କେହି | ସୁନିତା ବାରିକ | ୪୪ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୯. | ଆଜି ତୁମକୁ ନିକଟେ ପାଇ | ତମନ୍ନା ନନ୍ଦ | ୪୭ |
| ୧୦. | ଲୋରୀ ଟିଏ | ଐଶ୍ୱର୍ଯ୍ୟା ସାହୁ | ୫୦ |
| ୧୧. | ଏମିତିକା ମନଟିଏ | ଅବିନାଶ ବେହେରା | ୫୨ |
| ୧୨. | ଏବେ ଡିଜିଟାଲ୍ ଯୁଗ ହୋଇଛି | ତ୍ରିଲୋଚନ କାର୍ଯୀ | ୫୫ |
| ୧୩. | ଜୟ ଅମ୍ବିକେ ଗୌରଚନ୍ଦ୍ରିକେ | ଅମ୍ରିତେଶ ଖଟୁଆ | ୫୯ |
| ୧୪. | ସଂମ୍ପର୍କ ଡୋରି | ନୂତନ କୁମାର ବେହେରା | ୬୨ |
| ୧୫. | ପ୍ରଥମ ପ୍ରେମ | ଜ୍ୟୋତି ପ୍ରକାଶ ସାହୁ | ୬୫ |
| ୧୬. | ବହୁରୂପି | ରମେଶ ଚନ୍ଦ୍ର ବେହେରା | ୬୭ |
| ୧୭. | କୁଳବଧୂ | ହୃଦୟାନନ୍ଦ ପଧାନ | ୭୧ |
| ୧୮. | ଜୀବନରୁ ମୁକ୍ତି ନାହିଁ | ଅକ୍ଷୟ କୁମାର ବେହେରା | ୭୪ |
| ୧୯. | ବିରହିଣୀ ରାଧା | ପୁର୍ଣ୍ଣିମାରାଣୀ ସାହୁ | ୭୮ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୦. | ପ୍ରାଚୀନ | ଲିପ୍ସା ଆଚାର୍ଯ୍ୟ | ୮୦ |
| ୨୧. | ବାଲିଘର | ଶ୍ରୀମତୀ ଚିନ୍ମୟୀ ମିଶ୍ର | ୮୨ |
| ୨୨. | ଆସ ତପସ୍ୱିନୀ | ସମ୍ବିତ୍ ସତ୍ୟପ୍ରକାଶ ମିଶ୍ର | ୮୯ |
| ୨୩. | ଗାଁ ମାଟିର ମହକ | ରଞ୍ଜିତା ଦାସ | ୯୧ |
| ୨୪. | ପ୍ରଶ୍ନବାଚୀ | ସୋନାଲି ସ୍ୱାଇଁ | ୯୩ |
| ୨୫. | ପ୍ରଥମ ଦେଖା | ତପସ୍ୱିନୀ ଦାଶ ଷଡଙ୍ଗୀ | ୯୬ |
| ୨୬. | ମୋ କାନଭାସରେ ବର୍ଷା | ରଶ୍ମୀତା ଦୀକ୍ଷିତ | ୯୯ |
| ୨୭. | ତୁମ ଅପେକ୍ଷାରେ | କୃଷ୍ଣ ଚନ୍ଦ୍ର ଡାକୁଆ | ୧୦୪ |
| ୨୮. | ସୃଷ୍ଟି | ଶ୍ରୀ ଟଙ୍କଧର ଶତପଥି | ୧୦୬ |
| ୨୯. | ଜହ୍ନ, ତମେ ଓ ମୁଁ | ସୁଧୀର କୁମାର ପଣ୍ଡା | ୧୦୮ |
| ୩୦. | ଟିକି ଚଢେଇ | ବିଶ୍ୱନାଥ ନାୟକ | ୧୧୧ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | **ଗଦ୍ୟ ବିଭାଗ** | | |
| ୩୧. | ଅନାଥ ଅଭିଶାପ ନୁହେଁ | ରୋଜା ପଣ୍ଡା | ୧୧୭ |
| ୩୨. | ଅଭାବ ଦାସର ଅଭାବ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୨୬ |
| ୩୩. | ଶେଷ ଇଛା | ଶିବ ଚରଣ ମହାପାତ୍ର | ୧୨୯ |
| ୩୪. | ନାରୀ | ଅଭୟ ପୃଷ୍ଟି | ୧୩୭ |
| ୩୫. | ଆଦ୍ୟାଶକ୍ତି ମାଆଙ୍କର ଆରାଧନା | ସ୍ୱପ୍ନାରାଣୀ ଗୁମାନସିଂହ | ୧୪୧ |


*****

# ଅନ୍ତରଙ୍ଗ ଆଳାପ

## ସଂକ୍ଷେପରେ ଗାଳ୍ପିକା...

**ନାମ : ସୌମ୍ୟା ମହାପାତ୍ର**

**ଜନ୍ମ ତାରିଖ :** ୧୦ ମଇ

**ଠିକଣା :** ପୋଖରୀପୁଟ ନିଉ ଏଜି କଲୋନୀ, ଭୁବେନେଶ୍ୱର - ୭୫୧୦୨୦

**ଶିକ୍ଷା :** ଏମ.ବି.ଏ ଫାଇନାସ୍, ଆଲିଆନସ୍ ୟୁନିଭରସିଟି, ବାଙ୍ଗାଲୁରୁ

**ବୃତ୍ତି :** ସହକାରୀ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ



**୧. ଉଲ୍ଲେଖନୀୟ ସଫଳତା** : (କ) ଓଡ଼ିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ଜିଲ୍ଲାସ୍ତରରେ ଓ ରାଜ୍ୟସ୍ତରରେ ୨୦୦ରୁ ଊର୍ଦ୍ଧ୍ୱ ପୁରସ୍କାର ବିଜୟିନୀ ।

(ଖ) ୫୦ରୁ ଊର୍ଦ୍ଧ୍ୱ ଓଡ଼ିଆ କ୍ଷୁଦ୍ରଗଳ୍ପ ସମାଜ, ଧରିତ୍ରୀ ସାହିତ୍ୟାୟନ,

ସମୟ, ସମାଜ ସାପ୍ତାହିକ, କାଦମ୍ବିନୀ, ସତ୍ୟବାଦୀ, ଅମୃତାୟନ ପରି ଓଡିଶାର ଅନେକ ଲବ୍ଧ ପ୍ରତିଷ୍ଠିତ ଖବରକାଗଜ ଓ ପତ୍ରପତ୍ରିକାରେ ନିରବଚ୍ଛିନ୍ନ ଧାରାରେ ପ୍ରକାଶିତ ହୋଇଆସୁଛି ।

(ଗ) ଅଦ୍ୟାବଧି ଦୁଇଟି କ୍ଷୁଦ୍ରଗଳ୍ପ ପୁସ୍ତକ ପ୍ରକାଶିତ ହୋଇସାରିଛି ।

"ଗୋଡ଼ମୁଦି"-ଟାଇମପାସ୍ ପ୍ରକାଶନ ଦ୍ୱାରା ୨୦୧୭ରେ ପ୍ରକାଶିତ ।

"ବାଲିଘର"-ଟାଇମପାସ୍ ପ୍ରକାଶନ ଦ୍ୱାରା ୨୦୧୯ରେ ପ୍ରକାଶିତ ।

**୨. ପ୍ରିୟ ପୁସ୍ତକ :** ଯାଜ୍ଞସେନୀ, ପୁଣ୍ୟତୋୟା, ଅମାବାସ୍ୟାର ଚନ୍ଦ୍ର, ଭୋର, କାନ୍ଥ ।

**୩. ପ୍ରିୟ ଲେଖକ/ଲେଖିକା :** ପ୍ରତିଭା ରାୟ, ଦେବ ପ୍ରସାଦ ଦାଶ, ହିରଣ୍ମୟୀ ମିଶ୍ର, ସରୋଜ ବଳ, ଶକ୍ତି ମହାନ୍ତି ।

**୪. ରଚିତ ପୁସ୍ତକ :** ଗୋଡ଼ମୁଦି, ବାଲିଘର ।

**୫.ପୁରସ୍କାର/ସମ୍ମାନ:** ଟାଇମପାସ୍ ପ୍ରଥମା ପୁରସ୍କାର-୨୦୧୭
କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାର-୨୦୧୭

**୬. ଆପଣଙ୍କ ସାହିତ୍ୟ ଜଗତରେ ପ୍ରବେଶ ବିଷୟରେ ସମ୍ୟକ ବିବରଣୀ :** ସ୍କୁଲ, କଲେଜ ଦିନ ଆମର ଗ୍ୟାଜେଟ୍ ବାହାରେ କଟିଛି । ପାଠ ବହି ଭିତରୁ ବାହାରି ଆସି କିଛି ନିରୋଳା ମୁହୂର୍ତ୍ତ ଆଉଜିବାକୁ

ପଡେ ଗପବହି ପାଖେ । ସେହି କ୍ରମରେ ଓଡ଼ିଆ ଭାଷା, ସାହିତ୍ୟର ସବୁ ବିଭାଗ ଗଳ୍ପ, କବିତା, ଉପନ୍ୟାସ ବେଶ ପସନ୍ଦ ଆସୁଥିଲା ପଢିବାକୁ କିନ୍ତୁ ଲିଖନ ପ୍ରକ୍ରିୟାରେ ବେଶ  ସରଳ ଆଉ ସହଜ ଲାଗେ ଗପ ମାଧ୍ୟମରେ ନିଜକୁ ଆତ୍ମପ୍ରକାଶ କରିବାକୁ । ଗପର କାନଭାସ୍ ଦେଇ ପାଠକଙ୍କ ପାଖରେ ପହଞ୍ଚି ହୁଏ । ସାମ୍ନାରେ କହି ହଉ ନ ଥିବା କିଛି ଅକୁହା କଥାକୁ ଲେଖି ହୋଇଯାଏ । କିଛି ଅବ୍ୟବସ୍ଥାର ସୁଧାରିକରଣ, ସାମାଜିକ ବିଡ଼ମ୍ବନା, ନୂତନ ଆଶାର ମଞ୍ଜି ବୁଣିବା ପାଇଁ ବୋଧହୁଏ ସାହିତ୍ୟର ସୃଷ୍ଟି । ସାହିତ୍ୟ ନ ଥିଲେ, ଶବ୍ଦ ନ ଥିଲେ, ଭାବ ନ ଥିଲେ ସବୁ ଅଭାବକୁ କ'ଣ ବୁଝି ହେଇଥାନ୍ତା ନା ଜୀବନରେ ଏତେ ରଙ୍ଗ ଫେଣ୍ଟି ହେଉଥାନ୍ତା ? କଲେଜ, ୟୁନିଭରସିଟି ପରେ ବି ଚାକିରି ଜୀବନରେ ସାହିତ୍ୟ ଆଜି ସମାନ ଗୁରୁତ୍ୱ ରଖେ ଗତକାଲି ଯେତିକି ରଖୁଥିଲା ଆଉ ଆସନ୍ତାକାଲି ବି ସେତିକି ରଖିବ ବୋଲି ଆଶା ।

**୭. ଆପଣଙ୍କ ମତରେ ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି :**

ବର୍ତ୍ତମାନ ସମୟରେ ସାହିତ୍ୟ ଏକ ଅନାଲୋଚିତ ପ୍ରସଙ୍ଗ କେବେ ନୁହେଁ । ରବୀନ୍ଦ୍ରନାଥ ଠାକୁରଙ୍କ ଗୀତାଞ୍ଜଳି ହେଉ ଅବା ପ୍ରତିଭା ରାୟଙ୍କ

ଯାଜ୍ଞସେନୀ ହେଉ ସମୟ ଅନୁସାରେ ସାହିତ୍ୟ ରୂପାନ୍ତରିତ ହୋଇଛି । ତାଳପତ୍ର, କାଗଜ ପରି ଆଜି ବି ମଣିଷ ମନକଥା ପ୍ରକାଶ କରିବାକୁ ମାଧ୍ୟମ ବାଛି ନେଇଛି, ଯାହା ଆଜି କା ଜେନେରସନର ଟ୍ରେଣ୍ଡ ହୋଇଛି କହିଲେ ଭୁଲ ହେବ ନାହିଁ- "ସୋସିଆଲ୍ ମିଡିଆରେ ସାହିତ୍ୟ" । ସାହିତ୍ୟ ସହ ତାଳ ଦେଇ ବଢି ଚାଲିଛି ସାହିତ୍ୟକୁ ପ୍ରଚାର, ପ୍ରସାର କରିବା ପାଇଁ ଲିଟଫେଷ୍ଟର ସଂଖ୍ୟା, ଆଉ ବରିଷ୍ଠଙ୍କ ସହ କନିଷ୍ଠଙ୍କୁ ଆଜି ଉତ୍ସାହିତ କରି ଅନେକ ପ୍ରକାଶକ ଓ ପ୍ରକାଶନ ସଂସ୍ଥା ପୁରସ୍କୃତ କରୁଛନ୍ତି । ଏସବୁ ସାହିତ୍ୟର ଊର୍ଦ୍ଧ୍ୱମୁଖୀ ଆଭାସର ସୂଚନା ଦିଏ ନାହିଁ କି ?

**୮. ପ୍ରେରଣା ଇ-ପତ୍ରିକା ବିଷୟରେ କ'ଣ କହିବେ :**

ଇ-ଲର୍ଣ୍ଣିଙ୍ଗର ଚାହିଦାକୁ ଦୃଷ୍ଟିରେ ରଖି ପ୍ରେରଣା ପରି ଇ-ପତ୍ରିକାର ଜନ୍ମ, ପ୍ରଥମ ଜନ୍ମ ବାର୍ଷିକ ପୂରଣ ନିଶ୍ଚୟ ଏକ ପ୍ରଶଂସନୀୟ ସଫଳତା । ଫିଙ୍ଗର୍ ସ୍କ୍ରୋଲିଂରେ ସାହିତ୍ୟର ମଜା ନେଇ ହେବ ତାହା ପ୍ରମାଣ କରି ଦେଖାଇଛି "ପ୍ରେରଣା" । ଆଗକୁ ଅନେକ ଉତ୍ତରପୀଢ଼ିଙ୍କୁ ସାହିତ୍ୟ ସ୍ରୋତରେ ଏହା ଯେ ସଦାପ୍ରେରିତ କରିବ ସେତିକି ନିରୋଳା ସ୍ୱପ୍ନ ଟିଏ ଦେଖାଯାଇପାରେ ।

*****

# ପଦ୍ୟ ବିଭାଗ



" ଏଇ ତ ସମ୍ମୁଖେ ବଂଧୁ ଚିତା-ଭସ୍ମ-ବେଦି
ହୁଏ ଯହିଁ ମାନବର ସ୍ୱର୍ଗ-ଅଭିଷେକ ।
ଭୈରବୀ ମଶାଣ ଚଣ୍ଡୀ ନୃମୁଣ୍ଡ -ମାଳିନୀ
ବସନ୍ତି ନିଶୀଥେ ଏଥି ମୃତ୍ୟୁ-ମନ୍ତ୍ର ଗାଇ ।। "

**ଲଳିତକବି ଧ୍ରୁବ ଚରଣ ସ୍ୱାଇଁ**

# ଜନ୍ମଭୂମି

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ



ନୀଳାଦ୍ରି-ବିହାରୀ କୈବଲ୍ୟ-ଆଶ୍ରିତ
ପବିତ୍ର ଓଡିଶା ଭୂଇଁ ।
ନୀଳ ପାରାବାର ତରଙ୍ଗ ପୁଲକେ
ଯାହାର ଶ୍ରୀଅଙ୍ଗ ଛୁଇଁ ॥
ସୁବିଶାଳ ଅଙ୍ଗ ବ୍ୟାପୀଥିଲା ଦିନେ
ଗଙ୍ଗାଠାରୁ ଗୋଦାବରୀ ।
ବନ-ଜନ ପଦେ ହସି ଉଠୁଥିଲା
ପ୍ରକୃତି-କମଳା ଶିରୀ ॥

ବକ୍ଷେ ଯା' ଶୋଭନ ସୁନୀଳ ଗଗନ

ପରଶି ଶଇଳମାଳା ।

ନଦ ନଦୀ ହ୍ରଦ ସୁଷମା-ସମ୍ପଦ

ବିଳାସୀ ନୟନ କାରା ॥

ପୂରୁବ ଗାମିନୀ ଯା' ବକ୍ଷେ ତଟିନୀ

ଛୁଇଁଛି ଜଳଧି ଜଳ ।

ଶୋଭିତ ଯାହାର ପବିତ୍ର ଶରୀର

ଶତ ଶତ ଦେବାଗାର ॥

ଭାର୍ଗବୀ ବ୍ରାହ୍ମଣୀ ଦେବୀ ବୈତରଣୀ

ମହାନଦୀ ସ୍ୱର୍ଣ୍ଣରେଖା ।

ରତ୍ନହାର ସମ ଯା' ମୃଦୁ ବକ୍ଷରେ

ଦୂରୁ ଯାଉଛନ୍ତି ଦେଖା ॥

ମରାଳ ମାଳିନୀ ନୀଳାମ୍ବୁ ଚିଲିକା

ନିସର୍ଗ ସୁଷମାମୟୀ ।

ହସୁଛି ଯାହାର ବାରିଧି ପୁଳିନ

ବାଲୁକା ତଳପେ ଶୋଇ ॥

ସେହି ମୋ ଜନନୀ ତଟିନୀ ମାଳିନୀ

ସେହି ମୋ ଜନମ ଭୂଇଁ ।

*****

ଜହ୍ନିତଇଳା, ଢେଙ୍କାନାଳ

# ଆତ୍ମୀୟତା ନା ଆକର୍ଷଣ

ସଂଯୁକ୍ତା ରାଉତ

ଆତ୍ମୀୟତା ଆଉ ଆକର୍ଷଣ ନେଇ
ମନେ ଆସେ ଯେବେ ଦ୍ୱନ୍ଦ ।
ବିତର୍କ ବିମର୍ଷ ହୁଏ ମନେ ପ୍ରାଣେ
ବୁଝି ହୁଏନି ସେ ଭେଦ ॥

କେବେ କେବେ ପୁଣି ଲାଗେ ବୁଝିଗଲି
ଆଉ କେବେ ଲାଗେ ନାହିଁ ।
ଭାବନାରେ ମୋର ପଡ଼େ ପୂର୍ଣ୍ଣଚ୍ଛେଦ
ମୁଣ୍ଡ ହୁଏ ଝାଇଁଝାଇଁ ॥

ଏକାପରି ସିନା ପ୍ରତୀୟ ହୁଅନ୍ତି
ଭିନ୍ନତା ରହିଛି ଲୁଚି ।
ଏହି ଭିନ୍ନତାକୁ ବୁଝିହୁଏ କିଛି
ବାକି ରହେ ଆଉ କିଛି ॥

ସେ ଗୂଢ ରହସ୍ୟ ବୁଝିବା କଠିନ
ମନ ଯଦି ନୁହେଁ ସ୍ଥିର ।
ଆତ୍ମୀୟତା ଭାବ ଆସିଗଲେ ଥରେ
ସମ୍ପର୍କ ନିବିଡ଼ତର ॥

ଆକର୍ଷଣ ସଦା କାମନାର ବଶ
ସଂକୀର୍ଣ୍ଣ ଚେତନା ଧାର ।
ଅନାବିଳ ସ୍ନେହ ମମତା ରଜ୍ଜୁରେ
ଆତ୍ମୀୟତା ବନ୍ଧା ଚିର ॥

ଆକର୍ଷଣ ସିନା କ୍ଷଣିକର ମାୟା

ଆସି ପୁଣି ଚାଲିଯାଏ ।

ଆତ୍ମୀୟତା ପରା ହୃଦୟ ବନ୍ଧନ

ଆତ୍ମାକୁ ସେ ଛୁଇଁଯାଏ ॥

ଛଳନା କପଟ ସ୍ୱାର୍ଥନ୍ୱେଷୀ ଭାବ

ଆକର୍ଷଣେ ଲୁଚି ଥାଏ ।

ଆତ୍ମୀୟତା ସଦା ଶାନ୍ତି ପ୍ରେମ ତ୍ୟାଗ

ତପସ୍ୟାର ଗୀତି ଗାଏ ॥

ସମ୍ପର୍କରେ ଯେବେ ଆକର୍ଷଣ ନୁହେଁ

ଆତ୍ମୀୟତା କଢି ଫୁଟେ ।


ତା' ଦିବ୍ୟ ପରଶ ମିଠା ମହକରେ

ଜୀବନ ମହକି ଉଠେ ॥

***** ଜୟପୁର, କୋରାପୁଟ

# ବିଶ୍ୱାସ

ସୂର୍ଯ୍ୟ ମାଝୀ



କୁହନ୍ତି ସଭିଏଁ    ଅତ୍ୟନ୍ତ ବିଶ୍ୱାସୀ
ଅଟଇ ସ୍ୱଭାବେ ଶ୍ୱାନ
ଋଣ ପରିଶୋଧ   କରଇ ନିଶ୍ଚୟ
ଦେଇଥିଲେ ମୁଠେ ଅନ୍ନ ।୧।

ନର ହୃଦୟରେ   ବିଶ୍ୱାସ ଜନ୍ମିବା
ଅଟେ  କାଠିକର ପାଠ
ନିମିଷକେ ତାହା  ଯାଇପାରେ ତୁଟି
ହେଲେ ଏପଟ ସେପଟ ।୨।

ସ୍ୱାର୍ଥପର ଭାବ   ମନରେ ଧରିଣ
  ଅନେକେ ବାନ୍ଧବ ପଣେ
ଅନୁଭୂତି ମୋର   ରହିଛି ଅନେକ
  ଗଣତିରେ ହେବେ 'ପଣେ'  ।୩।

କର୍କଟ ପ୍ରକୃତି   ବହି  କେତେ ବନ୍ଧୁ
  ପଛରେ କାଟନ୍ତି ଚେର
ମନ ସ୍ଥିର ରଖି   ଏକାନ୍ତେ ଚିନ୍ତିଲେ
  ପାଇଯିବ ତା'ର ଚେର  ।୪।

*****


ଲାଠିପଡା, ନୟାଗଡ଼



# ଆହା କି ଦିନର ଆରମ୍ଭ

ସତ୍ୟ ରଞ୍ଜନ ମିଶ୍ର

ଆହା କି ଦିନ ହେଲା ଆରମ୍ଭ
ରାତି ହେଲା ଶେଷ,
ହାତକୁ ଆସିନି ଚା’ କପ
ତଣ୍ଟିକୁ ଆସିଲା ଶୋଷ,
ସକାଳୁ ମନେ ପଡ଼ିଲା ଆଜି
ତୋ ଓଠର ଖିଲି ଖିଲି ହସ,
ତୋ ଅଧୁଆ ମୁହଁ ସାଙ୍ଗକୁ
ଅଙ୍କାବଙ୍କା କେଶ ବିନ୍ୟାସ,
ସରଗ ପରୀର ଏତ
ଅପୂର୍ବ ସକାଳୁଆ ବେଶ
ପାଗଳ କରିବ ମୋତେ



ଆଜି ସାରା ଦିବସ

ଆହା କି ଦିନର ହେଲା ଆରମ୍ଭ

ରାତି ହେଲା ଶେଷ ।

ଆଉ ଟିକେ ପରେ ତୁ

ମୁହଁ ଧୋଇ ସାରିଥିବୁ,

ଗାଧୋଇ ବି ସାରିଥିବୁ

ନାଲି ଶାଢ଼ୀ ପିନ୍ଧିଥିବୁ

ମଥାରେ ଟିକିଲି ଆଉ

ସିନ୍ଥୀରେ ସିନ୍ଦୁର ନାଇଁଥିବୁ

ଟିକେ ଟିକେ ଲାଜ କରି

ମୋ ପାଖକୁ ଚାଲି କି ଆସୁଥିବୁ

ହାତରେ ଚା' କପ ଥିବ

ଓଠରେ ଚାପା ହସ ଥିବ

ସେଇ ହସରେ ମୋ ପାଇଁ

ଭଲ ପାଇବା ବି ରହିଥିବ
ତୁ ତରତର ହଉଥିବୁ
ଡାହାଣ ହାତକୁ ମୋ
ଚା' କପ ଧରେଇ ଦେବୁ
ଅଳ୍ପ ଲାଜ ମିଶା ଚାହାଣି ଦେଇ
ମୋ ପାଖରୁ ଚାଲିଯିବୁ
ମୋ ଓଠକୁ ବି ଚାଲି ଆସିବ
ପ୍ରେମଭରା ସ୍ମିତହସ
ରଙ୍ଗୀନ ହେଇଉଠିବ
ମୋ ସ୍ୱପ୍ନର ଆକାଶ
ମୁ ଭାବୁଥିବି ତୁ ବି ଭାବୁଥିବୁ
ଆହା କି ଦିନ ହେଲା ଆରମ୍ଭ
ରାତି ହେଲା ଶେଷ ।

*****

ବିରିଡି, ଜଗତସିଂହପୁର

# ସମୟ

ଶ୍ରୀକ୍ଷେତ୍ର ସୁନ୍ଦର

ସମୟର କେବେ ବୋଧେ ସମୟ ନଥାଏ
ନା ଥାଏ କ୍ଲାନ୍ତି ଅବା ବିଶ୍ରାମ
ବଢ଼ିଲା ନଈର ସୁଅ ସାଗରକୁ ଗଲାପରି
ସମୟ ବି ବଢିଚାଲେ ତା' ଅଫେରା ବାଟରେ ...
ତେବେ କୁଆଡେ ସେ ଯାଏ, କୁଆଡେ ତା' ଗତି ?

ସ୍ମୃତି ସିନ୍ଦୁକରେ
ଅଣନିଶ୍ୱାସୀ, ନିଃର୍ଜୀବ ପରି ସେ କରେ ଆତ୍ମଗୋପନ
କେବେ ପୁଣି ସଜ ଫୁଲ ପରି
ସାଇତା ହୋଇ ପାଲଟେ ଇତିହାସ

ଛାଡ଼ିଯାଏ ଖାଲି ଯାହା ତା' ଅଲିଭା ସ୍ୱାକ୍ଷର...

ତେବେ କୁଆଡେ ସେ ଯାଏ, କୁଆଡେ ତା' ଗତି ?


*****

ଓଡିଶା ଆଦର୍ଶ ବିଦ୍ୟାଳୟ

ଗାଇସିଲଟ, ବରଗଡ

# ନିବେଦନ

ସୁବାସ ଚନ୍ଦ୍ର ମୁଦୁଲି



ଶରତର କାଶତଣ୍ଡୀ ଫୁଲେ

ନିର୍ମଳ ଆକାଶ ତଳେ

ଧରାପୃଷ୍ଠେ ଅବତରି ଆସ ମା’

ଅବିଦ୍ୟାର ନାଶ ପାଇଁ

ତୁମ ପଣତ କାନିରେ

ସନ୍ତାନର ସବୁ ଦୁଃଖ ପୋଛି ଦିଅ

ତା’କୁ ମଣିଷ ପରି ମଣିଷଟିଏ କର

ମାନବିକତାର ମନ୍ତ୍ର ଦେଇ

ହେ ଦଶମହାବିଦ୍ୟା  !

ଦିଶାହରା ସମାଜକୁ ସଜାଇ ଦିଅ

ସଇତାନର ଖୋଳପା ଛଡାଇ

ମା', ମୋର  !

ଅନ୍ତଃକରଣ ଶୁଦ୍ଧ କରି

ନିଷ୍ପାପ ଶିଶୁ ସମ ନିଅ କୋଳେଇ  ।

*****

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମ୍ବଲପୁର

# ରଣଭୂମି

ସ୍ମୃତି ସାଗରିକା ମହାନ୍ତି

ମୁଖ ଉପରେ ମୁଖା ପିନ୍ଧିଚି ଏ ମାଟି ସନ୍ତାନ
ମନେ ତାର କେତେ ବିଷ ରଙ୍ଗ...
ଛିନ୍ନ କରି ସତ୍ୟ ସୂତାଖିଅ
ବୁଣୁଛନ୍ତି ମିଥ୍ୟା ବୀଜ...
ଦେଖୁ ନାହିଁ ଆଜି ଏ ମାଟି ମଣିଷ
ସତ୍ୟବାଦୀ ମୁଖ ଭାବଭଙ୍ଗ...



ସେ ମନେ ଭାବୁଛି ଜୟ କରିଯିବି
ସ୍ୱାର୍ଥ ମିଥ୍ୟା ଭୟ ବଳେ...
କ୍ରୋଧର ଅଗ୍ନିରେ ଜାଳି ପୋଡି ଦେବି

ସମ୍ପର୍କର ମନୋବଳ...

ରାଜ୍ଞ ବୋଲାଇବି ଏ ମାଟିରେ ମୁଁ

କୁରୁକ୍ଷେତ୍ର ଯୁଦ୍ଧ କରି...

ଯୁଗ ମୁଁ ରଚିବି ପ୍ରଳୟ କରିବି

ରଣଭୂମି ସରି କରି...

ପ୍ରକୃତିକୁ ମୋର ଲୁଚାଇବା ପାଇଁ

ପ୍ରଚେଷ୍ଟା ଜାଗିଛି ମୁଁ ପ୍ରାଣେ...

ଭଦ୍ର ମୁଖା ପିନ୍ଧି ବୋଲାଉଛି ମୁହିଁ

ଜାତିର ଉନ୍ନତି ମୋ ପଣ...

ଏ ମାଟିରେ ପରା ଲୋଭ ହେଲେ ବାପା

ସ୍ୱାର୍ଥ ମିଥ୍ୟା ତା'ର ପୁତ୍ର...

ସେ କାଁହୁ ବୁଝିବ

କର୍ମଭୂମି ଧର୍ମଭୂମିର ସୂତ୍ର...

ସେ ପରା ରଣଭୂମିର ସନ୍ତାନ

ରଣଭୂମି ତା'ର ଲକ୍ଷ୍ୟ...

ରଣଭୂମି ତା'ର ଲକ୍ଷ୍ୟ...

*****

ବ୍ରାହ୍ମଣଡ଼ିହି, ବାଲିକୁଦା,


ଜଗତସିଂହପୁର

# ଦେବୀ ପରି ଆଉ କେହି

ସୁନିତା ବାରିକ

ଦେବୀ !

ତୁ ସର୍ବସଂହା ନା ସୃଷ୍ଟି କାରିଣୀ ଯୋଗଜନ୍ମା



ସର୍ବ ଦେହେ ତୁ ଅବସ୍ଥାପିତ ନା

ତୁ ବି ଖୋଜୁଥାଉ ତୋ ପରି ଆଉ କେହି

ଯାହାର ଶରୀରରେ ତୁ ଅନାୟାସରେ

କରିପାରିବୁ ଆତଯାତ

ନାରୀ କେବେ ଜନନୀ କେବେ ଭଗିନୀ

ପୁଣି କେବେ ଜାୟା

ସର୍ବ ଗୁଣରେ ପରିପୂର୍ଣ୍ଣ ହୋଇବି

କାହିଁକି ସେ ହୋଇ ପାରେନି ଦେବୀ ଟିଏ

ଅନ୍ୟାୟ ଅଧର୍ମ ଅତ୍ୟାଚାରକୁ

ମଥାପାତି ସହି କ'ଣ ଦର୍ଶେଇବାକୁ ଚାହେଁ

ନାରୀ ଅବା ଅବଳା ଦୁର୍ବଳା

ନୁହେଁ ଆଉ କ'ଣ

ଯଦି ସେମିତି ନୁହେଁ

ତେବେ କାହିଁକି ସେ ଆରମ୍ଭରୁ

ମୁହଁ ଖୋଲି ପାରେନି ତା' ପ୍ରତି ହେଉଥିବା

ପ୍ରତି ଶୋଷଣ ବିରୁଦ୍ଧରେ ?

କାହିଁକି ଲଜ୍ଜା ଓ ସମାଜର ଭୟରେ

ଆହୁତି ଦିଏ ନିଜ ସ୍ୱାଭିମାନକୁ

ବଞ୍ଚେଇବା ପାଇଁ ।

ଏମିତି କରି କ'ଣ ସେ ଦେବୀତ୍ୱ

ଲାଭ କରିପାରେ ?

ନାଁ କେବେ ବି ନୁହେଁ ।

ଯଦି ନା ତେବେ ପ୍ରତିଟି ନାରୀ

ଦେବୀତ୍ୱ ପାଇଁ ସଂଗ୍ରାମ କରିବା
କ'ଣ ଯୁକ୍ତିଯୁକ୍ତ ନୁହେଁ !
ଏବେ ସମୟ ଆସିଯାଇଛି
ମୃଣ୍ମୟୀ ପ୍ରତିମାଙ୍କୁ ପୂଜାର୍ଚ୍ଚନା ଛାଡି
ବାସ୍ତବ ଦେବୀ ମାନଙ୍କର
ଆବାହନ ପାଇଁ
ତେବେ ଯାଇ ଏ ପୃଥିବୀ ପୃଷ୍ଠରେ ଥିବା
ରାକ୍ଷସ ରୂପୀ ସଇତାନ କବଳରୁ
ମୁକ୍ତ ହେବ ସମାଜ
ନାରୀ ଉପଯୁକ୍ତ ସମ୍ମାନ ପାଇବ
ପ୍ରତିଟି ହୃଦୟରେ...


*****

ଦକ୍ଷିଣକାଳୀ ରୋଡ଼୍, ଢେଙ୍କାନାଳ

# ଆଜି ତୁମକୁ ନିକଟେ ପାଇ

ତମନ୍ନା ନନ୍ଦ

ଯଦିଓ ତୁମକୁ ବ୍ୟାଖ୍ୟା କରିବାକୁ,
ମୋ ଶବ୍ଦ ଗୁଡିକ ଅଟନ୍ତି ଭୟଭୀତ,
ନିଜକୁ ସଦା ମଣନ୍ତି ହୀନ ଓ ତୁଚ୍ଛ,
ତଥାପି ତାହା ଝରାଇ ଦେଇଛି,
ଲେଖନୀ ମୁନେ, ମନରେ ବାନ୍ଧି ସାହସ,
ଯାହା କରିଅଛି ହୃଦବୋଧ ।



ଅଭିମାନୀ ଅଭିଳାଷ ଗୁଡିକ
ଆଜି ପୁନର୍ବାର ଜୀବନ୍ତ,
ନୀରବତା ବିଷଦେଇ ମାରିଦେଇଥିବା,
ଇଚ୍ଛା ଗୁଡିକ ଆଜି ଜୀବିତ,

ତୁମ ପ୍ରତିଉତ୍ତର ନ ପାଇ,
ଆତ୍ମହତ୍ୟା କରିଥିବା ପ୍ରଶ୍ନସବୁ,
ପୁନର୍ଜନ୍ମ ପାଇ ଉତଫୁଲ୍ଲିତ,
କିନ୍ତୁ ହଁ କି ନାଁର ଦ୍ୱନ୍ଦ ମନରେ ଫୁଟୁଥିବା,
ଗୋଲାପକୁ କରୁଅଛି ଯେ ଅପ୍ରସ୍ଫୁଟିତ ।

ମନର ସେହି ଅପୂର୍ଣ୍ଣ ସ୍ୱପ୍ନ,
ଯାହା ନିଦ ଭାଙ୍ଗି ଯାଇଥିଲା ଭାଙ୍ଗି,
ସଂଗୃହୀତ ହୋଇଥିବା ସବୁତକ ସ୍ମୃତି,
ଆଉ ସବୁତକ କଥା,
ଯାହା ଓଠ ରଖିଥିଲା ଚାପି,
ଆକାଶରେ ଭସା ବାଦଲ ତୁଲ୍ୟ,
ନୟନକୁ ଆଜି କରୁଛି ଭାରି ।

ତଥାପି ଆଶା ମନର ଜଳବାୟୁକୁ, ବୁଝିପାରିବ ତୁମେ,
ଆବେଗ, ଅନୁଭବକୁ ଝରାଉଛି,

ତେଣୁ କଲମ ମୁନେ,

ହୃଦୟ ଆଜି କରୁଛି ନୃତ୍ୟ,

ଆଉ ମନ ଥକୁ ନାହି ଗାଇ ଗୀତ,

ଏପରି କାହିଁକି ହେଉଛି,

ଜାଣିବାକୁ ଅକ୍ଷମ ମୁହିଁ,

ବୋଧହୁଏ ତୁମକୁ ଆଜି ନିକଟେ ପାଇ ।

*****

ପାନ୍ଧଡା, ମୟୂରଭଞ୍ଜ

# ଲୋରୀ ଟିଏ

ଐଶ୍ୱର୍ଯ୍ୟା ସାହୁ

ଆକାଶେ କେତେ ତାରାଙ୍କ ସାଥେ,
ମେଘ ଉହାଡେ ଖେଳୁଛି ସତେ,
ରୂପା ଆଲୁଅ ଧରିରେ;
ଜହ୍ନମାମୁଁ ଡାକେ ହାତ ଠାରିରେ ।

ଅନ୍ଧାର ରାତି ଶୁଣି କାହାଣୀ,
ମାଟି ଶେଯରେ ଶୋଇ ଗଲାଣି,
ସାତ ସପନ ଭରିରେ;
ଜହ୍ନମାମୁଁ ଡାକେ ହାତ ଠାରିରେ ।

ଶୀତଳ ବାଆ ଦିଏ ତା’ ଛୁଆଁ,
ମୁରୁକି ହସି ସକାଳ ନୂଆ,
ଆସେ ଥିରି ଥିରିରେ;
ଜହ୍ନମାମୁଁ ଡାକେ ହାତ ଠାରିରେ ।

ନିଦ ମାଉସୀ ଦିଅ ଆଉଁସି,
ଆଶିଷ ସବୁ ଯାଉ ବରଷି,
ମୋ ଧନ ମଥା ଉପରେ;
ଜହ୍ନମାମୁଁ ଡାକେ ହାତ ଠାରିରେ ।

ଝୁଲି ମୋ କୋଳେ ପଣତ ତଳେ,
ଗହନ ନିଦେ ଶୋଅ ସଅଳେ,
ଅଝଟ ଏବେ ଛାଡ଼ିରେ;
ଜହ୍ନମାମୁଁ ଡାକେ ହାତ ଠାରିରେ ।

*****

ବାଲେଶ୍ୱର

# ଏମିତିକା ମନଟିଏ

ଅବିନାଶ ବେହେରା

ନୀଳ ଗଗନର ନୀଳିମା ତଳେ,

ଚିର ସବୁଜିତ ଧରଣୀ କୋଳେ,

ମନ ଚାହେଁ ମନଟିଏ,

ଏମିତିକା ମନଟିଏ,

ମନକଥା ବୁଝି ଯାଏ,

ଆଖିକୁ ଦେଖି ଯିଏ ।

ବାଲସୁରୁଜର କଅଁଳ କିରଣ ତଳେ,

ଶିଶିର ଭିଜା ଘାସ ଗାଲିଚାର ଜଳେ,

ମନ ଖୋଜେ ମନଟିଏ,

ଏମିତିକା ମନଟିଏ,

ଭଲପାଏ ଯିଏ,

ପରଆପଣା ଭୁଲି ନିଏ ସଭିଙ୍କୁ ଆପଣେଇ ଯିଏ ।

ଭସା ବାଦଲର କୁହୁଡ଼ି ତଳେ,

ଗୋଲାପୀ ବଗିଚାର ପ୍ରଜାପତି ମେଳେ,

ମନ ଚାହେଁ ମନଟିଏ,

ଏମିତିକା ମନଟିଏ,

ସ୍ନେହର ରୂପନଟିଏ,

ଯିଏ ଥରେ ସ୍ନେହ ପାଏ,

ସେ ସ୍ନେହରେ ନିଜକୁ ହଜେଇ ଦିଏ ।

ଚାନ୍ଦର ଚାନ୍ଦନୀ ଚାନ୍ଦୁଆ ତଳେ,

ଝିଲିମିଲି ତାରା ମେଳେ,

ମନ ଖୋଜେ ମନଟିଏ,

ଏମିତିକା ମନଟିଏ,

ପର ଦୁଃଖେ ଦୁଃଖି ହୁଏ,

ଆଖିଲୁହ ଓଠେ ପିଇ ଯିଏ ।

*****

ସଂସ୍କୃତ ଶିକ୍ଷକ,

କୁଜିଡିହୀ ସରକାରୀ ଉଚ୍ଚ ବିଦ୍ୟାଳୟ

ମୟୂରଭଞ୍ଜ




ସପ୍ତଶଯ୍ୟା ଗିରି ଅତି ମନୋରମ

ନୀଳ ଅଙ୍ଗ ଯା'ର ବିଶ୍ୱେ ଅନୁପମ ।

ନିଖିଳ ଉତ୍କଳ ପୁଣ୍ୟ-ଗଉରବ

ସ୍ତୂପାକାରେ ଯହିଁ ତୁମ୍ଭେ ନୀଳନଭ ।।

ଧ୍ରୁବତାରା ପବ୍ଲିକେଶନସ୍

# ଏବେ ଡିଜିଟାଲ୍ ଯୁଗ ହୋଇଛି

ତ୍ରିଲୋଚନ କାର୍ଯ୍ୟୀ



ପିଲା ପଢୁନାହିଁ ଏବେ
ସ୍କୁଲ ବହି ଖଣ୍ଡେ
ସବୁ ତ ବଦଳି ଯାଇଛି ।
ଏବେ ଡିଜିଟାଲ୍ ଯୁଗ ହୋଇଛି
ଇ-ବୁକ୍ ରେ ପଢି
ପରୀକ୍ଷାରେ ପାସ୍ କରୁଛି ।

ବାପା ଯାଉନାହିଁ ବ୍ୟାଙ୍କକୁ
ଟଙ୍କା ପଠେଇବାକୁ
ଡେରି ହେଇଯିବ ବୋଲି ଭାବୁଛି ।

ଏବେ ଡିଜିଟାଲ୍ ଯୁଗ ହୋଇଛି
ଅଳ୍ପ ସମୟେ ଗୁଗୁଲ ପେ-ରେ
ଝିଅକୁ ଟଙ୍କା ପଠାଇ ଦେଉଛି ।

ମୁନା ଯାଉନାହିଁ ହୋଟେଲକୁ
ଲଞ୍ଚ ଡିନର କରିବାକୁ
ସିଏ କହୁଛି ଅଳସ ଲାଗୁଛି ।
ଏବେ ଡିଜିଟାଲ୍ ଯୁଗ ହୋଇଛି
ଯୋମାଟୋ ଆପରେ ଅର୍ଡର କରିଲେ
ଘରେ ଖାଦ୍ୟ ପହଞ୍ଚି ଯାଉଛି ।

ପ୍ରେମିକ ପଠାଉନି ଏବେ
ଚିଠି ଖଣ୍ଡେ ଲେଖା
ପ୍ରେମିକାକୁ ବୋଧେ ଭୁଲି ଯାଇଛି ।
ଏବେ ଡିଜିଟାଲ୍ ଯୁଗ ହୋଇଛି
ୱାଟସଆପ୍ ରେ ମେସେଜ୍ କରିଲେ

ସାଙ୍ଗେ ସାଙ୍ଗେ ରିପ୍ଲାଏ ଆସୁଛି ।

ଦର୍ଶକ ଯାଉନି ଷ୍ଟାଡିୟମକୁ
କ୍ରିକେଟ ଖେଳ ଦେଖିବାକୁ
ସିଏ ଭାରି କଞ୍ଜୁସିଆ ହଉଛି ।
ଏବେ ଡିଜିଟାଲ୍ ଯୁଗ ହୋଇଛି
ହଟଷ୍ଟାର ଆପରେ ଓପନ୍ କରି
ସମ୍ପୂର୍ଣ୍ଣ ଖେଳ ଦେଖୁଛି ।

ଗ୍ରାହକ କିଣୁନି ମାର୍କେଟରୁ
ମନଲାଖି ତା'ର ଜିନିଷକୁ
ସିଏ ସବୁତ ଭରଷା ତୁଟାଇଛି ।
ଏବେ ଡିଜିଟାଲ୍ ଯୁଗ ହୋଇଛି
ଫ୍ଲିପକାର୍ଟରେ ଅର୍ଡର କରି
ଡିସକାଉଣ୍ଟରେ ସବୁ ପାଇ ଯାଉଛି ।

ପ୍ରଶଂସକ ଦେଖୁନି ହଲରେ

ଆମ ଓଡ଼ିଆ ସିନେମାକୁ

ସେ କହୁଛି ସାଉଥ ଡବିଂ ହେଉଛି ।

ଏବେ ଡିଜିଟାଲ୍ ଯୁଗ ହୋଇଛି

ୟୁଟ୍ୟୁବରେ ଭିଡିଓ ଖୋଲି

କେତେ ମନୋରଞ୍ଜନ ଦେଖୁଛି ।

ପିଲା ଖେଳୁନି କାହା ସାଥୀରେ

ଲୁଚି ଲୁଚି ଆଉ ବୋହୁଚୋରୀ

ସେ ଖେଳ ଆଜି ହଜି ଯାଇଛି ।

ଏବେ ଡିଜିଟାଲ୍ ଯୁଗ ହୋଇଛି

ମୋବାଇଲ ଫୋନରେ

ଦିନରାତି ଖାଲି ଲୁଡୁ ଖେଳୁଛି ।

*****

ଗାଇଡା, ପାତ୍ରପୁର,

ଗଂଜାମ

# ଜୟ ଅମ୍ବିକେ ଗୌରଚନ୍ଦ୍ରିକେ

ଅମ୍ରିତେଶ ଖଟୁଆ

ଦଶଭୁଜ ପ୍ରହର ଧାରିଣୀ ଅରିକୁଳମୂଳ ବିଧ୍ୱଂସିନୀ
ଶସ୍ତ୍ରେ ଦେଖାଅ ଗୌରଚନ୍ଦ୍ରିକେ ! ଶତ୍ରୁର ନିହାଣେ
ନିଭୃତ କେତେ ପୌରୁଷ, ସୋହଗେ
କେତେ ତା' ବେଦନାର ସିନ୍ଦୂର ବିଜନିତ
ହୋଇଛି ପ୍ରଣୟେ କେତେ କୁଳକାଳ କଳ୍ପିତ,
ହେଲା କାହିଁ ତିଳେ ବିଡମ୍ବିତ, ବିମ୍ବିତ ଭବରାଣେ ?

ତୁମ ପାଇଁ କେତେ ଯେ କେତକୀ ଫୁଟେ
ପଥିକର ପଥୁରିଆ ପ୍ରାଣଦେ କେତେ କାଶତଣ୍ଡୀ !
ଫୁଟୁଛି କେତେ ତା ଅନାମଧେୟ ଯାମିନୀ
ତା'ର ଅନ୍ଧାରୀ ସରସୀ ମଧ୍ୟେ କେତେ ରଣିଫୁଲ

ତୁମ ପାଇଁ, ତୁମକୁ ବେଦନା ସମର୍ପି, ଦର୍ପେ କନ୍ଦର୍ପେ

ସବୁ ଇଚ୍ଛାର ପାରିଜାତ କ୍ଲାନ୍ତି ଦିଏ ଝାଡି

ମୋ ବୟସର ଅକ୍ଳେଶ ଅବୟବରୁ

ମୋ କେଶର ପ୍ରତି ଝଡା କଣ କଣ କଣିକାରୁ

ଯେଉଁ ଶ୍ୱାସେ ଝରୁଥିଲା ତୁମ ପାଇଁ ମୋର ଅଭୁକ୍ତ ସେ

ଚେତନାର ପ୍ରାଣାସ୍ୱଦ ନିତ୍ୟ ସମାଦୃତ ପ୍ରେମ

ହେଲେ କାହିଁ ବୁଝିଲ, ସନ୍ତାନର ଚିଠାଉ ଯେତେ

ବେଳେ ବିବେକର ତାରୁଣ୍ୟ ଡାକୁଥିଲା କ୍ରନ୍ଦନେ କ୍ରନ୍ଦନେ

ତାରୁଣ୍ୟର ଅର୍ଦ୍ଧତୃପ୍ତ ବେଶେ ଅନିୟନ୍ତ୍ରିତ

ହେଉଥିବା ମନୋରଥ, ସୃଷ୍ଟି କାନନିକା ମଧ୍ୟେ ରୁଣ୍ଡ  !

ମୃକୁଣ୍ଡସୁତଙ୍କୁ ଆଶ୍ୱିନପତିବ୍ରତା ଗୋ  !

ବନ୍ଧାଇଥିଲ ଶୋଣିତ ମୁକୁରେ

ଶତ୍ରୁର ଅପଲକ ଉହାଡେ, ଶିର ବିତାନେ

ବଜ୍ରମନ୍ତ୍ରେ ଦେବତାଙ୍କ ଶିକୁଳି ବିତାଡି

ଆହ୍ୱାନେ ଆହ୍ଲାଦି ଆଶ୍ୱାସେ ଅଭ୍ୟର୍ଥନା କରିଥିଲ

କହି ଦୀନଜନେ, ଦୀନପ୍ରାଣେ, ଦୀର୍ଘଶ୍ୱାସଟେ ଦେଇ

ଦୀର୍ଣ୍ଣ ଜଗତ ଯେମନ୍ତ ଓହ୍ଲାଏ ସ୍ୱର୍ଗ ଅନାବୃତେ

ଅନାବିଷ୍କୃତର ଅବଲୋକନେ, ଅବରୋହରେ

'ବିଧ୍ୱଂସିବି ବିଶ୍ୱମାତ ମୁହିଁ! ଦସ୍ୟୁ ପ୍ରତାପକୁ'

ଦୃପ୍ତ କରି ଥିବି ମଥାନ ତଳ ଦେଦୀପ୍ୟମାନା କକ୍ଷ

ଲେଖାଥିବା ଜନ୍ମଜାତକେ ଅଣ୍ଡାଳୁ ଅଣ୍ଡାଳୁ

ହସେଇ ଦେଉଥିବି, ମୋ ପ୍ରାଣପ୍ରଦାଙ୍କୁ

ମୋ ରତ୍ନାଦି କେତେକଙ୍କୁ

ଜଗତେ ବନ୍ଦାଅ ଅଲୁଳିତ ନ୍ୟାୟ

ବିଧ୍ୱଂସିବି ମୁହିଁ ଦାନବ ଉତ୍ତାଳ ଆତପେ, ଉଦ୍ଭିତ

ସେ ଜଗତ ନିରାଡମ୍ବରେ !


*****

୨୩୭, ଫେଜ୍ - ୨, କାନନ ବିହାର, ପଟିଆ,

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୪

# ସଂମ୍ପର୍କ ଡୋରି

ନୂତନ କୁମାର ବେହେରା



ଏ ସଂସାରେ ମଣିଷ ଜନମ ହୁଏ

    ସାଥେ ନେଇ ତାର ନିଜ ପରିଚୟ,

ସମାଜେ ଜୀବନ ଯାପନ କରେ

    ପରସ୍ପରେ କରି ଭାବ ବିନିମୟ ।

ଜନ୍ମ ସଙ୍ଗେ ଯୋଡି ହୋଇଥାନ୍ତି ସବୁ

    ଆତ୍ମୀୟ ସ୍ୱଜନ ବନ୍ଧୁ ପରିବାର,

ନିଜ ଭାବ ଭାଷା ସଂସ୍କୃତି ସଭ୍ୟତା

    ବନ୍ଧନେ ବାନ୍ଧି କରେ ତାକୁ ନିଜର ।

ପ୍ରତି ହୃଦୟରେ ସେନେହ ଶରଧା
ଭରି ରହିଥାଏ ଅଶେଷ ମମତା,
ନିରନ୍ତରେ କରି ତା' ସେବା ଯତନ
ବଢାଦିଏ ତା'ର ମାନ ମହାନତା ।

ଅନାବିଳ ଥାଏ ପରିବାର ମଧ୍ୟେ
ସଦା ମଧୁମୟ ଏ ସମ୍ପର୍କ ଡୋରି,
ସୁଖେ ଦୁଃଖେ ରହି ଆପଣାର ଜନେ
ସହିଥାନ୍ତି ସବୁ ଭାଗ୍ୟକୁ ଆଦରି ।

ପରିବାରେ ରହି ସମାଜେ ଆହୁରି
ଗଢାହୁଏ ପବିତ୍ର ସମ୍ପର୍କ କେତେ,
ସହଯୋଗ ସହାନୁଭୂତି ଚେତନା
ମାନବୀୟ ଗୁଣ ହୃଦେ ରଖି ଯେତେ ।

ବସୁଧା ଏକ ପରିବାରର ସମ
    ସଭିଏଁ ଅଟନ୍ତି ବିଶ୍ୱେ ସହୋଦର,
ଅତିଥିଙ୍କୁ ଦେବ ରୂପେ ଅଭ୍ୟର୍ଥନା
    କରି ମାନବର ବଢ଼ଇ ଆଦର ।

ହୃଦୟର ଭାବ ହୃଦୟ ଚିହ୍ନଲେ
    ପ୍ରତିଷ୍ଠିତ ହେବ ବିଶ୍ୱେ ଭ୍ରାତୃଭାବ,
ସମ୍ପର୍କ ଡୋରିରେ ବାନ୍ଧି ହେଲେ ସବୁ
    ଏକ କୁଟୁମ୍ବ ପରି ହେବ ଏ ଭବ ।

*****

କୋହି, ଗଡ଼ିଆ, ମୟୂରଭଞ୍ଜ

# ପ୍ରଥମ ପ୍ରେମ

ଜ୍ୟୋତି ପ୍ରକାଶ ସାହୁ

ପ୍ରଥମ ଦେଖାରେ ଯେବେ, ତାକୁ ମନ ଦେଇ ଆସିଲି ।

ଜଣେ ଅଜଣା ଚେହେରାକୁ ହୃଦୟ ଆଇନାରେ ଆଙ୍କିଦେଇ ଆସିଲି ॥

ଆଖିପଲକରେ ଯେବେ ମୋର, ତା ସ୍ୱପ୍ନନେଇ ଆସିଲି ।

ଜଣେ ଅଜଣା ଚେହେରାକୁ ନିଜର ଭାବିଦେଇ ଆସିଲି ॥

ଲୁଚି ଲୁଚି ତା'କୁ ଦେଖୁଥାଏ ନିତି,

ତା'କୁ ନଦେଖିଲେ ଥରେ, ରାତିରେ ନିଦ ଆସେନା ।

ତା ବିନା ବଞ୍ଚିବା, ଏବେ ଆଉ ସମ୍ଭବ ହୁଏନା ॥

ଏକା ଏକା ଆଉ ଜୀବନ ଚଲାପଥେ ଚାଲିବାକୁ ଇଚ୍ଛା ହୁଏନା ।

ତା' ବିନା ବଞ୍ଚିବା, ଏବେ ଆଉ ସମ୍ଭବ ହୁଏନା ॥

ମୋ ହୃଦୟରେ, ଭିର୍ଣ୍ଣ ଏକ କାହାଣୀର ନାୟିକା ସେ,

ତା' ବିନା ମୋ ସ୍ୱପ୍ନ ସାମ୍ରାଜ୍ୟରେ ମୁଁ ନାୟକ ହେଇ ପାରେନା ॥

ତା'କୁ ନଭାବିଲେ ଥରେ, ରାତିରେ ନିଦ ହୁଏନା ।

ତା' ବିନା ବଞ୍ଚିବା, ଏବେ ଆଉ ସମ୍ଭବ ହୁଏନା ॥

ମନର ମାନସୀ ମୋର ସେ, ତା'କୁ ହିଁ ତ ଏ କଥା ଅଜଣା ।

ତା'କୁ ସ୍ୱପ୍ନରେ ଯେବେ ଦେଖେ, ଆଖି ଖୋଲିବାକୁ ଇଚ୍ଛା ହୁଏନା ॥

ତା'କୁ ମନେମନେ ନଛୁଇଁଲେ ଥରେ, ରାତିରେ ନିଦ ହୁଏନା ।

ତା' ବିନା ବଞ୍ଚିବା, ଏବେ ଆଉ ସମ୍ଭବ ହୁଏନା ॥

ମନ କଥା ମୋର, ମନରେ ହିଁ ରହିଯାଏ,

କେତେ ଭଲପାଏ ତା'କୁ, ମନ ଖୋଲି କହି ପାରେନା ॥

ମନ ମନ୍ଦିରରେ ତା'କୁ ପୂଜୁଥାଏ ନିତି, ତା'କୁ ହିଁ ତ ଏ କଥା ଅଜଣା ।


ତା' ବିନା ବଞ୍ଚିବା, ଏବେ ଆଉ ସମ୍ଭବ ହୁଏନା ॥

*****

କାମାକ୍ଷାନଗର, ଢେଙ୍କାନାଳ

# ବହୁରୂପି

ରମେଶ ଚନ୍ଦ୍ର ବେହେରା



ବିଚାରି ସୁଚାରି ଭାବ କରିଯିବା
ନ ହେଲେ ଭାରି ପଡିବ
ପ୍ରାରମ୍ଭରୁ ଆମେ ସତର୍କ ରହିଲେ
ଆମ ପାଇଁ ଭଲ ହେବ ।
ଆଜିକାଲି କେତେ ବହୁରୂପି ଲୋକ
ସମାଜରେ ବୁଲୁଛନ୍ତି
ସ୍ମିତ ହସି ଦେଇ ମିଠା କଥା କହି
ସ୍ୱାର୍ଥ ହାସଲ କରନ୍ତି ।
ତାରା ଦେଖିଅଛ ଜହ୍ନ ଦେଖାଇବି
ଏମିତି କେତେ କହିବେ

ପାଇବା ଲୋଭରେ    ଆମକୁ ଫସାଇ

ସବୁ କାମ କରିନେବେ   ।

ମାନ ଓ ସମ୍ମାନ        କିଛି ନୁହଁ ସେତ

ଅର୍ଥ ଯେ ବଡ଼ ତାଙ୍କର

ନିଜ କାମ ସାରି      ଚାଲି ଯିବେ ଛାଡି

ହେବା ନାହିଁ ଯେ କାହାର   ।

ବହୁତ କହିବେ       ପାଇଲେ ଚାଲିବେ

ହେବେନି ସେତ କାହାରି

ସମୟ ଆସିଲେ      ସବୁ ଭୁଲି ଯିବେ

ଛାତିରେ ମାରିବେ ଛୁରୀ    ।

ସୁବିଚାର କରି        ନିଜକୁ ପଚାରି

ଭାବ କରିବା ଜରୁରୀ

ଭାବ ତ କରିବା    ସେହି ଲୋକକୁ ଯେ

କ୍ଷତି ନ ହେବ ଆମରି   ।

ଏ ଘର ମାଉସୀ ସେ ଘର ପିଉସୀ
ଏପରି କେତେ ହୋଇବେ
ସମାଜ ଭିତରେ ଭାଇ ଭାଇ ମଧ୍ୟେ
ବିଶୃଙ୍ଖଳା କରିଦେବେ ।
ମୁଖରେ ତାଙ୍କର ମଧୁ ଭରି ଥାଏ
ମନରେ ରଖନ୍ତି ବିଷ
ରାଜନୀତି କରି ସୁନା ସଂସାରକୁ
କରିଦେବେ ସର୍ବନାଶ ।
ଚତୁର ଲୋକକୁ ପାଖେ ନେଇ ଯାଇ
କହିବେ କିଛି କାନରେ
ସେହି ଲୋକ ପୁଣି ଚୁପ ହୋଇଯିବେ
ଚାଲିବେ ତାଙ୍କ କଥାରେ ।
ସତର୍କ ରହିବା ନିଜକୁ ବୁଝିବା
ଆଗକୁ ଆମେ ଚାଲିବା

ଯିଏ ଯାହା କହୁ     ଯିଏ ଯାହା କରୁ

ସମ୍ପର୍କକୁ ନା ଭୁଲିବା ।


*****

ବାଟୀ, ସିମୁଳିଆ,

ବାଲେଶ୍ୱର

# କୁଳବଧୂ

ହୃଦୟାନନ୍ଦ ପଧାନ



କେତେ ସ୍ନେହ ପ୍ରେମ ପୂର୍ଣ୍ଣକରି

ମଣିଷ ଟାଏ ଗଠନ କରିଥିଲେ "ଲୋ ନିର୍ଝରିଣୀ"

ନିଜଘର ଲକ୍ଷ୍ମଣରେଖା ଛେଦନ କରି

ଅପରିଚିତ ଗୃହେ ଆସନ ଅଳଙ୍କୃତ କଲୁ କୁଳବଧୂ ସୁଲକ୍ଷଣୀ ।

ସେ ସ୍ଥାନ ତୋ ପାଇଁ ବଦ୍ରିକାଧାମ

ପରିଚିତ କେବଳ ତୋ'ର କୁଳବଧୂ ନାମ ।

ପ୍ରଥମେ ଚିହ୍ନା ପରିଚିତ ହେବ ତୋ'ର

ସୁଜ୍ଞାନୀ ପୁରୁଷ ସ୍ୱାମୀଦେବ ସାଥେ,

ଲକ୍ଷ ଲକ୍ଷ ବର୍ଷ ଯେ ବ୍ରହ୍ମାଙ୍କୁ ତପସ୍ୟା

କରି ଆସିଛନ୍ତି ତୋତେ ଲୋ ପାଇବା ପଥେ

ଇନ୍ଦ୍ର-ଚନ୍ଦ୍ର-ସୂର୍ଯ୍ୟ ନୁହେଁ ସେ ବରୁଣ

ପତିଦେବତାଙ୍କୁ ପ୍ରତି ଦିବା କରିବୁ ନିବେଦନ

ପରେ ପରିଚିତ ହେବ ତୋ'ର ଶାଶୁ ଓ ଶ୍ୱଶୁର

ଯେଉଁମାନେ ତୋ'ର ଜନକ ଜନନୀ ବର୍ତ୍ତମାନର ।

ଅତୀତେ ଛାଡିଣ ପିତାମାତା ପାଇଲୁ ଜନକ ଜନନୀ

ମାତ୍ର ନ ପାଇବୁ କୁମାରୀତ୍ୱ ଏ ଜୀବନେ "ଲୋ ଅଭାଗିନୀ"

କେତେ ଗିରି ଲତା ପାହାଡ ଓ ଘନ ବନ

ପରିଚିତ ହେବୁ ତାଙ୍କ ସାଥେ ଦିନୁ ଦିନ ।

ଜନମ ଲଭଛୁ କେବଳ ବଂଶରକ୍ଷା କରି

ଅନ୍ୟ ଘରେ ସୁନ୍ଦରୀ କୁଳବଧୂ ହେବୁ

ଅଭିମାନୀନି ନ ହୋଇ ଶୂନ୍ୟସ୍ଥାନ ପୂର୍ଣ୍ଣ କରିବୁ

ଶାଶୁ-ଶ୍ୱଶୁରଙ୍କୁ ସର୍ବଦା ଆନନ୍ଦେ ରଖିବୁ

କର୍ମ କରିବୁ ନିତ୍ୟ ଅଳସ ନ ହେବୁ

ପିତାମାତାଙ୍କୁ କଦାପି ଦୁଃଖ ନ ଦେବୁ ।

ପତିଦେବ ସାଥେ କେବେ  କଳି କରି
ଶାଶୁ-ଶ୍ୱଶୁରଙ୍କ ସେବା ନ କରିବୁ ଊଣା ଏକଦିନ
ପତି  ଭଗବାନ, ପତି ତୋ'ର ପ୍ରାଣ
ପତି ତୋ'ର ଧ୍ୟାନ, ପତି ତୋ ଜୀବନଧନ
ତେବେ ଯାଇ ପାଇବୁ ତୁ କୁଳବଧୂ ସ୍ଥାନ
ନ ହେଲେ ଡାହାଣୀ-ପିଶାଚୁଣୀ ଉପାଧି଼ ଜାଂଣ  ।

*****


ଅମରପାଲି, ବିରମହାରାଜପୁର
ସୁବର୍ଣ୍ଣପୁର

# ଜୀବନରୁ ମୁକ୍ତି ନାହିଁ

ଅକ୍ଷୟ କୁମାର ବେହେରା

ଶିଶୁଟିଏ ସତେ ଈଶ୍ୱରଙ୍କ ରୂପ
ଜାଣେନା ସେ ଛନ୍ଦ ମନ୍ଦ,
ଛଳନା ନଥାଏ ମୁରୁକି ହସରେ
ମନରେ ଦିଏ ଆନନ୍ଦ ।୧।

ଆନନ୍ଦ ସବୁଠୁ ଅତି ବେଶି ଲାଗେ
ଖନେଇ କହିଲେ କଥା,
ବୁଝୁକି ନବୁଝୁ ପଚାରିଲେ କିଛି
ହଲାଇ ଦିଏ ତା ମଥା ।୨।



ମଥାରେ ଧୀରେ ତା' ବୁଦ୍ଧି ପଶିଲାକୁ
ପଡେ ସମ୍ପର୍କରେ ଦିନେ,
ବାପା ମାଆ ଗୁରୁଜନଙ୍କର ସ୍ନେହ
ବସା ବାନ୍ଧେ ତା'ର ମନେ ।୩।

ମନେ ଭରି ଆଶା ନ ହୋଇ ନିରାଶା
ଗୁରୁଣ୍ଡି ଗୁରୁଣ୍ଡି ଚାଲେ,
ଦିନ ତ ଆସିବ ପାଦକୁ ଥାପିବ
ଚାଲିବ ଧୀରେ ସେ ଭଲେ ।୪।

ଭଲେ ଭୁଲିଯାଏ ପଛ କଥା ସବୁ
ସଂସାର ମାୟାରେ ପଡି,
ଯୌବନ ଆସିଲେ ବିବାହ ବନ୍ଧନ
ଢେଉ ପରିଆସେ ମାଡି ।୫।

ମାଡିବସେ ତେବେ ମିଳନ ଭୂତଟା
ଚାରା କିଛି ତ ନଥିବ,
ସାଂସାରିକ ମୋହ ଓଦା କାଠିପରି
ଲାଗିଲେ ପଡି ରହିବ ।୬।

ରହିଗଲେ ପିଲାଛୁଆର ଜଞ୍ଜାଳ
ନିବିଡତା ଯିବ ବଢି,
ଶେଷକୁ ପ୍ରଭୁ ନାମ ଭୁଲିଯିବ
ଦୁଃଖରେ ଛାଡିବ ରଡି ।୭।

ରଡି ତା'ର ଶୁଣି ଆସିବେନି କେହି
ଭୋଗିବ କର୍ମର ଫଳ,
ପ୍ରଭୁଙ୍କ ଶରଣେ ମୁକତି ମିଳନ୍ତା
ଆସିଗଲେ ଶେଷ ବେଳ ।୮।

ବେଳ ଯେବେ ଯିବା ବାଟ ଦେଖାଇଲା
ଚିନ୍ତା କର କାହିଁ ପାଇଁ,
ମାତୃଗର୍ଭ କଥା ଭୁଲି ଗଲ ବୋଲି
ଜୀବନରୁ ମୁକ୍ତି ନାହିଁ ।୯।


ନାହିଁ ଜ୍ଞାନ ମୋର ଭାବି ଲେଖି ଦେଲି
ସୁଜନେ ନଧର ଦୋଷ,
ଅଧମ ଅକ୍ଷୟ ପାଦେ ପଡି ତୁମ
ମାଗଇ ଭିକ୍ଷା ଆଶିଷ ।୧୦।

*****

କେନ୍ଦୁଡିହା ବଡସାହି
ମୟୂରଭଞ୍ଜ

# ବିରହିଣୀ ରାଧା

ପୂର୍ଣିମାରାଣୀ ସାହୁ



କଳା ଘୁମର କେଶର,

ଜୋଛନା ବସନେ ଛନ ଛନ ମନ ବିରହିଣୀର

ଝିଙ୍କାରୀ ଝଙ୍କାର ତା' ପାଦର ନୂପୁର

ନୃତ୍ୟାଙ୍ଗନା ପ୍ରିୟତମା ସେ କାହ୍ନା ମନର ।

ବିନା ଶବ୍ଦେ ତା' ସମ୍ମତିର ଆଖି,

ନଇଁ ଯାଏ କାହ୍ନୁର ସ୍ମିତହସ ଦେଖି ।

ବୁକୁ ତଳେ ଅସୁମାରୀ କୋହ ସାଇତି ରଖିଛି,

କାହ୍ନା ଆଶିଷ ବର୍ଷାରେ ସେ ଭିଜିବାକୁ ଚାହୁଁଛି ।

ଅଥଚ ତା' ବୁକୁର କୋହ ମନର ଲୁହ,

ବାନ୍ଧି ରଖିଛି ତା'କୁ କାହ୍ନା ବଂଶୀର ମୋହ ।

ପାହିଲା ରଜନୀ, ରାଧା ଅପେକ୍ଷାର ଅନ୍ତ ହେଲାନି,

କଥା ଦେଇ ଶ୍ୟାମ ଭୁଲିଗଲେ କାହିଁ ଆସିଲେ ନାହିଁ ।

ମନର ବେଦନା ତା' କିଏ ବୁଝିବ,

ରାଧା ବିରହିଣୀ କାହାକୁ ବା କହିବ ।

ସ୍ମିତହସରେ ତା ଅସୁମାରୀ ରହସ୍ୟ,

ଶ୍ୟାମଠୁ ବଳି କେ ଅବା ଜାଣେ ଛନ୍ଦ କପଟ ।

ଶ୍ୟାମ ସିନା ଫେରିଲେନି ପାଖକୁ ତା'ର,

ହେଲେ ତାଙ୍କ ପ୍ରେମ ରହିଗଲା ହୋଇ ରାଧା ଜୀବନର ଆଧାର ।

*****

ନିକିରାଇ, କେନ୍ଦ୍ରପଡା

# ପ୍ରାଚୀନ

ଲିପ୍ସା ଆଚାର୍ଯ୍ୟ

ପ୍ରାଚୀନ ସଂସ୍କୃତି ଶୋଇ ଯାଇଚି,
ଆଧୁନିକ ଚାକଚକ୍ୟ ଭିତରେ ॥
ସକାଳେ ମନ୍ଦିରର ଆଳତି ବଦଳରେ,
ଶୁଣିବାକୁ ମିଳେ ଆଧୁନିକ ଗୀତର ସ୍ୱର ॥
ସିନେମା ଦେଖିବା ପାଇଁ ବଡ ଆଗ୍ରହ ,
ପାଲା, ଦାସକାଠିଆ, ଲୀଳା ଦେଖିବାକୁ ନାହିଁ ଆଗ୍ରହ ॥
ଭୁଲିଯାଇ ପ୍ରାଚୀନ ବେଦ ସାହିତ୍ୟ,
ପଢୁଛୁ ବିଦେଶୀ ଭାଷା ସାହିତ୍ୟ ॥
ପ୍ରାଚୀନ ଐତିହକୁ ନେଇ କରୁ ଗର୍ବ,
ମାତ୍ର କରୁ ନାହୁଁ ତା'ର ସଂରକ୍ଷଣ ॥

ଲୋପ ପାଇବାକୁ ବସିଲାଣି ପ୍ରାଚୀନ ପାକ ପ୍ରଣାଳୀ,

ଚାଇନିଜ୍ ,କଣ୍ଟିନେଣ୍ଟାଲ ପାକକରି ଲୁଟୁ ସାବାସୀ ॥

ଦେଖାଯାଉ ନାହିଁ ଆଦିବାସୀ ପାରମ୍ପାରିକ ଘର,

ତା' ସ୍ଥାନରେ ଠିଆ ଇନ୍ଦିରା ଆବାସ ଘର ॥

ଆମେ ଯଦି ନ ବୁଝିବା ଆମ ପ୍ରାଚୀନ ସଂସ୍କୃତିକୁ,

ତାହାହେଲେ ଖାସ୍ ବୁଝି ପାରିବ ଏ ଦୁନିଆଁ ଆମକୁ ॥

ଥରେ ଆଖି ଖୋଲି ଜାଗ୍ରତ ହୁଅ ଭାରତୀୟ,

ପ୍ରାଚୀନ ସଂସ୍କୃତିର କର ସଂରକ୍ଷଣ, ତା' ମହାନତା ପ୍ରଚାର କର ॥

*****

ହୁଡକୋ କଲୋନୀ, ଭଞ୍ଜ ବିହାର
ବ୍ରହ୍ମପୁର

# ବାଲିଘର

ଶ୍ରୀମତୀ ଚିନ୍ମୟୀ ମିଶ୍ର

ମନରେ, ବାଲିଘର ଦିନେ ତୋର ଭାଙ୍ଗି ପଡିବ

ବତାସ ପବନ ଚାଳ ଉଡେଇ ନେବ ।  ... ବାଲିଘର ...

ବାଲିଘର ପରା ତୋ'ର ଏହି ଶରୀର,

ମନ ଇନ୍ଦ୍ରିୟ ସେ ଘରେ ସାଥି ତୋହର ।

ବିବେକ ଉପଦେଶ, ମାନି ପାଇବୁ ଯଶ,

ମନ ମନ୍ଦିରେ ତୋ'ର, ବିବେକ ହୃଷୀକେଶ,

ତାଙ୍କରି କଥା ମାନିଲେ ସବୁ ମିଳିବ,

ମନରେ, ସବୁ ମିଳିବ ।  ... ବାଲିଘର ...(୧)

ସଜାଇଛୁ ବାଲିଘର କେଡେ ସୁନ୍ଦର,

ଦିନେ ହୋଇଯିବ ତାହା କି ନାରଖାର ।

ଚୋର, ତସ୍କର ଆସି, ରୋଗ ରୂପରେ ପଶି,

ନଶୁଣି କଥା ତୋ'ର, ପଳାଇ ଯିବେ ଖସି,

ସଙ୍ଗେ ନେବେ ତୋ ସାଇତା ଧନ ଦରବ...

ମନରେ, ଧନ ଦରବ । ... ବାଲିଘର ... (୨)

ଘର ଭିତରେ ରଖିଛୁ ସୁନା ପଞ୍ଜୁରୀ,

ଅତି ଯତନେ ପୋଷିଛୁ ସୁବର୍ଣ୍ଣ ଶାରୀ ।

ବାଲିଘର ଭାଙ୍ଗିବ, ଶାରୀ ଉଡିଣ ଯିବ,

ଗଗନେ ମିଶିଯାଇ, ଆଉ ଧରା ନଦେବ,

ବେଳ ଥାଉ ଚିନ୍ତା କଲେ ପାଇବୁ ଠାବ ...

ମନରେ, ପାଇବୁ ଠାବ । ... ବାଲିଘର ... (୩)

ବାଲିଘରେ ଲଗାଇଛୁ ନଅ କବାଟ,

ଜ୍ଞାନ କୀଳା ପୋତି ଯେବେ କରିବୁ ଆଷ୍ଟ,

ମନକରି ସଂଯତ, ଜପିଲେ ଜଗନ୍ନାଥ,

ସଂସାରେ ମିଳିଯିବ, ତୋତେ ସାଧନା ପଥ,

ଉଭାଇ ଯିବ ତୋହର ଖଳ ସ୍ୱଭାବ ...

ମନରେ, ଖଳ ସ୍ୱଭାବ । ... ବାଲିଘର ... (୪)

ଖଳ ସ୍ୱଭାବ ତୋହର ଛାଡିବ ଯେବେ,

ମଣିଷ ପରି ମଣିଷ ହୋଇବୁ ତେବେ ।

ହୋଇଲେ ସୁମଣିଷ, ମନ ହୋଇବ ତୋଷ,

ତୁଟିବ ସବୁଦୋଷ, ପ୍ରଭୁ ଦେବେ ଆଶିଷ,

ସେ ଆଶିଷେ ତୋ ଜୀବନ ଧନ୍ୟ ହୋଇବ...

ମନରେ, ଧନ୍ୟ ହୋଇବ । ... ବାଲିଘର ... (୫)

ଭବ ସାଗରେ ଭାସୁଛି ଜୀବନ ତରି,

ନିଳାଦ୍ରୀ ବିହାରୀ ସେହି ତରି ନାଉରୀ ।

ସତ୍ୟ ଆହୁଲା ମାରି, ଧର୍ମ ନିକିତି ଧରି,

ଚଳାଉଛନ୍ତି ତରି, ଏପାରିରୁ ସେପାରି,

ଭବ ସାଗରୁ ତାରିବେ ରାଧାମାଧବ...

ମନରେ, ରାଧାମାଧବ । ... ବାଲିଘର ... (୬)

ଏଭବ ସାଗରୁ ଯେବେ ହୋଇବୁ ପାରି,
ଲାଗିବନି ଆଉ ତୋତେ ସଂସାର ଡୋରି,
ମିଛ-ମାୟା ସଂସାର, କେହି ନୁହେଁ କାହାର,
ସାହା ଏକା ତୋହର, ପ୍ରଭୁ ପରମେଶ୍ୱର,
ଗତି ମୁକ୍ତି ପ୍ରଦାୟକ ରମାବଲ୍ଲଭ...

ମନରେ, ରମାବଲ୍ଲଭ । ... ବାଲିଘର ... (୭)

ଯାହା ବୁଝାଇ ଧନରେ କହୁଛି ତୋତେ,
ସଦା ସର୍ବଦା ରହିବୁ ସାଧନା ପଥେ,
ପରନିନ୍ଦା, ପରହିଂସା ନକର ତୁହି,
ସୁଖ, ଶାନ୍ତି, ଆନନ୍ଦ ଯେ ସେଥିରେ ନାହିଁ,
ସତ୍ୟ, ଧର୍ମ, ଦୟା, କ୍ଷମା ହେଉ ତୋ' ଭାବ...

ମନରେ, ହେଉ ତୋ' ଭାବ । ... ବାଲିଘର ... (୮)

ନିଜ ମନର ନିଜେତୁ ପ୍ରହରୀ ହେବୁ,
କାମ କ୍ରୋଧ ଲୋଭଠାରୁ ଦୂରେଇ ଯିବୁ,

ଗର୍ବ, ଅହଙ୍କାର, ବଡ ଶତ୍ରୁ ତୋହର,

ଏମାନଙ୍କୁ କରିବୁ, ସଦା ଦୂରୁ ଜୁହାର,

ନିତି ଗୀତା ପଢୁଥିଲେ ଜାଣିବୁ ସର୍ବ...

ମନରେ, ଜାଣିବୁ ସର୍ବ । ... ବାଲିଘର ... (୯)

ଗୁରୁ ଆଜ୍ଞାରେ ସାଧନା କରିବୁ ଯେବେ,

ସାଧନା ସିଦ୍ଧି ତୋ'ର ହୋଇବ ତେବେ,

ସିଦ୍ଧି ହେଲେ ସାଧନ, ପାଇବୁ ଦିବ୍ୟଜ୍ଞାନ,

ଆତ୍ମା ପରମାତ୍ମାର, ହୋଇଯିବ ମିଳନ,

ଏ ଦୁନିଆଁ ଖେଳ ତୋ'ର ସରିଣ ଯିବ,

ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ ସାର୍ଥକ ହେବ,

ମନରେ, ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ ସାର୍ଥକ ହେବ...

ମନରେ, ସାର୍ଥକ ହେବ । ... ବାଲିଘର ... (୧୦)

*****

ସାଧାରଣତଃ ବାଲିଘରଟିଏ ତିଆରି କଲେ, ବାଲି ଓଦା ଥିବା ପର୍ଯ୍ୟନ୍ତ ସେହି ଘରଟି ଖୁବ୍ ଭଲ ଭାବରେ ରହିଥାଏ । କିନ୍ତୁ ଓଦାବାଲି ଶୁଖିଗଲା ପରେ ଘରଟି, ଅତି ସହଜରେ ଭୁଷୁଡି ଯାଏ । ପ୍ରକୃତରେ ଯଦି ସେହି ବାଲି ସହିତ କିଛି ସିମେଣ୍ଟ ମଧ୍ୟ ମିଶାଇ ଇଟା ଉପରେ ପକାଇ ଘର ନିର୍ମାଣ କରାଯାଏ, ତେବେ, ତାହା ଶକ୍ତ, ସୁନ୍ଦର ଓ ମଜ୍ଭୁତ୍ ହୋଇ ରହିଥାଏ, ଆଦୌ ଭାଙ୍ଗି ପଡେନାହିଁ । ମନୁଷ୍ୟ ଜୀବନ ଠିକ୍ ଏହି ବାଲିଘର ସଦୃଶ୍ୟ । କଥାରେ ଅଛି – ମଣିଷ ଜୀବନ ପାଣି ଫୋଟକା ସଙ୍ଗେ ସମାନ । ପାଣି ଫୋଟକାଟି ଆଖି ପିଛୁଳାକେ ଫାଟିଯାଇ ପାଣିରେ ମିଶିଗଲା ପରି ... ମଣିଷ ଜୀବନ ଯେ, କେତେବେଳେ ଲିଭିଯିବ, ସେ ନିଜେ ମଧ୍ୟ ଜାଣିପାରେ ନାହିଁ । ସେଥିପାଇଁ ମନୁଷ୍ୟ ଯଦି ସିମେଣ୍ଟ ପରି ସଦ୍ଗୁରୁଙ୍କର ଆଶ୍ରିତ ହୋଇ ଇଟା ତୁଲ୍ୟ, ତାଙ୍କର ଆଜ୍ଞା ପାଳନ କରି ସାଧନା ପଥରେ ଆଗଭର ହୁଏ, ତେବେ ତାହାର, ଜୀବନ ଦୀପ ଲିଭିଯିବା ପୂର୍ବରୁ ସେହି ଗୁରୁ ଈଶ୍ୱର ତାହାକୁ ମନୁଷ୍ୟ ଜନ୍ମରୁ ମୁକ୍ତି କରିବା ସଙ୍ଗେ ସଙ୍ଗେ, ଏହି ଦୁର୍ଲ୍ଲଭ ଜୀବନକୁ ସାର୍ଥକ ମଧ୍ୟ କରିଦିଅନ୍ତି ।

ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ତେବେ, ଉକ୍ତ କବିତାରୁ ଆମେ ଜାଣିଲେ ବାଲିଘର ରୂପୀ ମନୁଷ୍ୟ ପାଇଁ ଅନ୍ତର୍ଯ୍ୟାମୀ ଗୁରୁ ଈଶ୍ୱରଙ୍କର କି ପ୍ରକାର ମହତ ଉପଦେଶ ସବୁ ନିହିତ ଅଛି । ମନୁଷ୍ୟକୁ "ମନ" ବୋଲି ସମ୍ବୋଧନ କରି କବିତାଟିରେ ଉଲ୍ଲେଖ କରାଯାଇଛି ।

*****

ପ୍ରାଚୀ ବିହାର, ପଳାଶୁଣି,

ଭୁବନେଶ୍ୱର

# ଆସ ତପସ୍ୱିନୀ

ସମ୍ବିତ୍ ସତ୍ୟପ୍ରକାଶ ମିଶ୍ର

ହେ ମହିଷାମର୍ଦ୍ଦିନୀ, ଆସ ତପସ୍ୱିନୀ
ମନ ମନ୍ଦିରକୁ ଆସ,
ଦୁଷ୍ଟ ବିନାଶିନୀ କନ୍ଦର ବାସିନୀ,
କାମାକ୍ଷୀ ବାସିନୀ ଆସ ।୧।

କାମ କ୍ରୋଧ ଲୋଭ ପଣତ ମେଲିଛି
ସତ୍ୟ ଥାଏ ଆଜି ଦୂରେ,
ମାୟା ପ୍ରବେଶିଛି ମାନବ ମାନସେ ,
ଦୁଃଖରେ ଧରଣୀ ଥରେ ।୨।



ଶରତର ଏହି ଶିଶିର ସମ୍ଭାରେ
ମେଘ ଡମ୍ବରୁ ବଜାଇ,
କାଶତଣ୍ଡୀମୟ ସବୁଜ ସୁଷମା,
ଥାଏ ତୁମ ବାଟ ଚାହିଁ ।୩।

ଦୈତ୍ୟ ବିଦାରିଲ ଦୟାମୟୀ ମାଗୋ
ଭକ୍ତ ଉଦ୍ଧାରିଲ ମହାମାୟୀ,
ଶାନ୍ତି ପ୍ରଦାୟିନୀ ବିପତ୍ତି ହାରିଣୀ,
ଚରଣ ଯୁଗଳେ ସଦା ଧ୍ୟାୟୀ ।୪।

*****


ଗୁଡ଼ିଆନାଳି, ଢେଙ୍କାନାଳ

# ଗାଁ ମାଟିର ମହକ

ରଞ୍ଜିତା ଦାସ

ଗାଁରେ ନାହିଁ ସେ ପୁରୁଣା ମାଟିର ମହକ ,
କି ନାହିଁ କାହାର ଆଉ ପୋଖରୀ ତୁଠରେ
ଗାଧେଇବାର ସଉକ ॥
ଗାଉଁଲି ଝିଅ ଆଜି ପିନ୍ଧୁନି ଅଳତା,
କି ଭୁଆସୁଣୀ ହାତେ ଓଢଣା ଟାଣି
ଜାଳୁନି ସଞ୍ଜ ସଳିତା ॥

ଗାଁରେ ଦିଶେ ଖାଲି ମାଳ ମାଳ କଂକ୍ରିଟ୍ ରାସ୍ତା ,
କାଦୁଅର ରାସ୍ତା ଆଜି ହରେଇଛି ଆସ୍ଥା ॥
ଗାଁ ଆଜି ସହର ସହର ବାସୁଛି,
ସବୁଆଡେ କଂକ୍ରିଟ୍ ରାସ୍ତା ଯେ ଦିଶୁଛି ॥



ନା ଅଛି କାଦୁଅ ପଚ ପଚ ରାସ୍ତା,
ନା ଅଛି ଆଉ ଭାଗବତ ଟୁଙ୍ଗୀର ଆସ୍ଥା ॥
ନା ଅଛି ଚାଳ ଛପରର ଘର,
ନା ଦେଖିବାକୁ ମିଳୁଛି ଷଠିଘର ॥

ଗାଈଆଳ ପିଲା ଆଜି ଟିକ ଟିକ ଭିଡିଓ କରୁଛି,
ଚାଷ ବାସ ଛାଡି ଆଜି ଦାଦନ ଖଟୁଛି ॥
ଭଲ ଲାଗୁନି ତାକୁ ଏ ପାଣି ପବନ
ଭୁଲିଗଲା ସେ ରଜ ମିଠା ଖିଲି ପାନ ॥

ପୁରୁଣା ମହକ ଗଲାଣି କେଉଁ କାଳରୁ ଝଡି ,
ଗାଁ ପୁଅ ଆଜି ଖେଳୁନି ବାଗୁଡ଼ି ॥
ଦାଦନ ଖଟିବାକୁ ପର ରାଇଜକୁ ଯାଇ
ନିଜ ରାଇଜ କଥା ମୋଟରୁ ମନେ ନ ପଡଇ ॥


*****

ଏନ ଆଇ ଟି, ରାଉରକେଲା

# ପ୍ରଶ୍ନବାଚୀ

ସୋନାଲି ସ୍ୱାଇଁ





ଯଦି ଜାଣତ

ବତାଇ ଦିଅ

ଖୁସିର ଠିକଣାକୁ ...

ଯଦି ଥିବତ

ଫେରାଇ ଦିଅ

ମୋ ଆଖିର ଲୁହ ସବୁକୁ ।





ଯଦି ପାରିବତ

ଫେରାଇ ନିଅ

ହୃଦୟକୁ ଦେଇଥିବା ଅସହାୟ ଯନ୍ତ୍ରଣାକୁ ।

ଯଦି ଅଛିତ

ଦେଇ ଚାଲି ଯାଅ

ମୋ ଓଠର ପୁରୁଣା ହସକୁ..

ଯଦି ଯାଅତ

କହିଦେଇ ଯାଅ

ତୁମବିନା ଚାଲିବାର ଉପାୟକୁ ..

ଯଦି ଭାଙ୍ଗୁଛତ

ଭାଙ୍ଗିଦେଇ ଯାଅ

ଆମର ସେ ସ୍ୱପ୍ନର ବାଲିଘରକୁ...

ଯିବତ

ଖଣ୍ଡ ଖଣ୍ଡ କରିଦେଇ ଯାଅ

ସମ୍ପର୍କର ସୂତାଖିଅକୁ..

ଯଦି ଭଲ ପାଅତ

ଭୁଲାଇ ଦିଅ

ଅତୀତର ସ୍ମୃତି ସବୁକୁ ...

ପାରିବତ..

ଶିଖାଇ ଦେଇ ଯାଅ

ତୁମ ବିନା ବଞ୍ଚିବାକୁ...


*****

ବୋରିକିନା, ଜଗତସିଂହପୁର

# ପ୍ରଥମ ଦେଖା

ତପସ୍ୱିନୀ ଦାଶ ଷଡଙ୍ଗୀ

ବିଜନ ବେଳାରେ ସପନ ରାଜ୍ୟରେ
ଯାଏ କେବେ ମୁଁ ଯେ ଚାଲି
କାହା ମୁହଁ ମୋତେ ଦୃଶ୍ୟ ହୁଏ ନାହିଁ
ଦିଶୁଥାଅ ତୁମେ ଖାଲି ।



ଭାସିଯାଏ ମୋର ଭାବନାର ସୁଅ
ତୁମରି ପ୍ରେମର ଧାରେ
ପହଞ୍ଚିଯାଏ ସେ ପ୍ରଥମ ଦେଖାର
ପ୍ରଥମ ମୁହୂର୍ତ୍ତ ତୀରେ ।

ଅଜଣା ଅଚିହ୍ନା ହୃଦୟ ଦୁଇଟି
ଏକ ହୋଇଗଲେ ଯେବେ

ଲାଗୁଛି ଯେମିତି ପୂର୍ବ ଜନ୍ମେ ଆମ
ଦେଖା ହୋଇଥିଲା କେବେ ।

ନଥିଲା ମନରେ ଆକର୍ଷଣ ଅବା
ନଥିଲାତ ଆଲୋଡ଼ନ
ଦେଇତ ନଥିଲି ତୁମ ପାଶେ କେବେ
ମୋର ଏ ଖିଆଲି ମନ ।

ବେଖିଆଲ ପଣେ ଅବା ଅଜାଣତେ
ଜିଣିଗଲ ମୋ ହୃଦୟ
ପ୍ରେମ ସାମ୍ରାଜ୍ୟରେ ରାଣୀ ବନିଗଲି
ହୋଇ ରହିଲି ଅଜେୟ ।

ଜାଣି ମୁଁ ନଥିଲି ସେଇ ମୂହୁର୍ତ୍ତରେ
ତୁମେ ହୋଇବ ହୃଦୟ ରାଜା
ଆଖି ମିଶିଗଲା ମନ ମିଳିଗଲା
ହେଲି ପ୍ରୀତି ବରଷାରେ ଓଦା ।

ପ୍ରଥମ ଦେଖାର ସେଇ ଦିନଟିକୁ

ମୁଁ ରଖିଛି ମନେ ସାଇତି

ବରଷ ଗଡିବ ନୂଆ ମାସ ଆସୁଥିବ

ଆମ ପ୍ରେମ ହେବ ନାହିଁ ଇତି ।

*****

ବେଙ୍ଗାଲୁରୁ

# ମୋ କାନଭାସରେ ବର୍ଷା

ରଶ୍ମୀତା ଦୀକ୍ଷିତ



ଆଜିର ବର୍ଷା ଏମିତି ବର୍ଷା
ଥମିବାର ନାଁ ଧରୁ ନାହିଁ .......
ତୋଳି ଧରୁଛି ମୁଁ ସଫେଦ କାଗଜେ
ବର୍ଷା ଝରୁଛି ଶବ୍ଦରେ ଶବ୍ଦରେ
ଓଦା ଓଦା ଅନୁଭବରେ
ମନ ଅଗଣାକୁ ଧୋଇ ।

ଏଇ ତ ବର୍ଷା ! ନିଗିଡି ପଡୁଛି
ଛାତର ଧାରରୁ
ଚୁପି ଚୁପି କଥା କହି

ମୋ ଝରକା କାଚକୁ

ଆଞ୍ଜୁଳାଏ ଛିଟା ମାରି,

ଖସି ପଡୁଚି ...

ଚଗଲି ସ୍କୁଲ ଫେରନ୍ତି ଟିକି ଝିଅ ପରି

ଚପଲ ଡିଆଁରେ ଉପରକୁ ଉଠି

ତଳକୁ ଖସୁଥିବା

ଜମିଥିବା ପାଣି ପରି ।

ବର୍ଷା ବର୍ଷୁଛି ବୋଲି ତ

ସେଇ ଝିଅଟି ଆଜି

ସଜବାଜ ହୋଇ ସ୍କୁଲକୁ ଆସୁଛି,

ଭିଜି ଭିଜି ଆସିବା ମଜାରେ

କହୁଛି... ସରି ମାଡମ୍

ଭୁଲରେ ଛତାଟା

ଘରେ ଛାଡ଼ି ଦେଇଛି ।

ଏଇ ବର୍ଷା ହେଲେ ହିଁ ବହୁତ

କିଛି ଭୁଲ ହେଇଯାଏ

ଅଚାନକ କଲମ ଖରାପ ହୁଏ

ପେନସିଲ ହଜି ଯାଏ

ପଢ଼ା ବହି, ରଫ୍ ଖାତା

ଘରେ ରହିଯାଏ...

ବର୍ଷା ବର୍ଷିଲେ ମଝି ରାସ୍ତାରେ

ସାଇକେଲ ଚେନ୍ ଖସିଯାଏ ।

ରେନ୍ କୋଟ୍ ପିନ୍ଧି

ବାଇକରେ ଗଲାବେଳେ

ଅଚାନକ ଷ୍ଟାର୍ଟ ବନ୍ଦ ହେଇଯାଏ :::

ଅପ୍ରତ୍ୟାଶିତ ଝାମେଲାକୁ

କେମିତି ସମ୍ଭାଳିବି ଭାବୁ ଭାବୁ

ବର୍ଷାର ଛୁଆଁରେ ମନ କୁହେ

ଚାଲି ଚାଲି ଯିବା
ରାସ୍ତା ନ ସରୁ ଏ ବର୍ଷା ଥମିବା ଯାଏ ।

ଏଇତ ସେ ବର୍ଷା !
ଟୋପା ଟୋପା ଚୁମ୍ବନରେ
ଧୋଇ ଦେଉଛି
ମୋ ଆଖି ପାଆନ୍ତା ଗଛ ପତ୍ରର
ସବୁଜ ଓଠକୁ,
ଆଲିଙ୍ଗନରେ ଶିହରାଇ
ଭିଜା ଭିଜା ତନୁ
ସାଉଁଳାଇ ଆଣୁଚି
ପବନର ମୁକୁଳା ବୁକୁ ।

ଇସସ !
ଏମିତି କି ତୁମେ ବର୍ଷା !
ଭାରି ଦୁଷ୍ଟ

ଝୁଜୁବୁଜୁ ହେଉଛ
କେଉଁଠୁ କିଛି ଗୋପନ ବାର୍ତ୍ତା
ପାଇ ଯାଇଛ କି ?
ସେତେବେଳୁ ବର୍ଷୁଛ ଯେ ବର୍ଷୁଛ
ଥମିବାର ନାଁ ଧରୁନାହଁ
ଭାବୁଛ କି, ଦେଖି ନେଇଛ...
ମୋ ମନର ଅନୁଢା ଇଚ୍ଛାକୁ
ସେଥିପାଇଁ ଉସକାଉଛ ମତେ
ଉଠି ଆସିବା ପାଇଁ ନିଜ ସ୍ଥାନରୁ
ତମ ସାଥେ ବାହୁ ପ୍ରସାରୀ
ପ୍ରିୟତମ ଲଜ୍ଜାକୁ ହଟାଇ
ନାଚିବାକୁ ତୁମ ଛନ୍ଦରେ
ସବୁ ଗ୍ଲାନି ଧୋଇ ଯିବା ଯାଏ...
ଆଜିର ଏ ବର୍ଷା ଥମିବା ଯାଏ !

*****

୪୨ ମୌଜା, କଟକ

# ତୁମ ଅପେକ୍ଷାରେ

କୃଷ୍ଣ ଚନ୍ଦ୍ର ଡାକୁଆ



କେଉଁଠି ଲୁଚିଛି
ସେ ବଂଶୀର ସ୍ୱର
କେମିତି ପାଇବି ତା'କୁ,
ମୁଁ ତ ଅଜଣା
ରସିକ ନାଗର
ଅନାଇ ବସିଛି
ସେ ଦିନ ଭଳି
ଆଉ ଦିନେ ପାଇବାକୁ,
ମୋତେ ମିଳିଗଲେ
ମୋ ବଂଶୀର ସ୍ୱର

ଜିବନ୍ୟାସ ପାଇବ

ଶତାୟୁ ଆଶା ଆକାଂକ୍ଷା ସବୁ,

ଏ ମନ ଉପବନେ

ଆପେ ନାଚି ଉଠିବ

ଅତୀତ କାହାଣୀ ସବୁ,

ଖୁସିରେ ମନ ସଂଚରିତ ହେବ

କାଳ କାଳ ପାଇଁ ସ୍ମରଣ ରହିବ ସବୁ ॥

*****

କରଚୁଲି(ବୁଗୁଡ଼ା), ଗଞ୍ଜାମ

# ସୃଷ୍ଟି

ଶ୍ରୀ ଟଙ୍କଧର ଶତପଥି

ସବୁ ଗ୍ରହ ମଧ୍ୟେ ଶ୍ରେଷ୍ଠ ପୃଥିବୀ
ସୁନ୍ଦର ଦିଶେ ତା' ପ୍ରକୃତି ଛବି ।
ତିନି ଭାଗ ଜଳେ ଭାଗେ ମୃତ୍ତିକା
ସମସ୍ତ ଜୀବର ସତ୍ତା ବର୍ତ୍ତିକା ।
ଜଳ, ବାୟୁ ସଙ୍ଗତେ ତାପମାତ୍ରା
ଅତ୍ୟୁତ୍ତମ ଅଟେ ଜୀବନ ଯାତ୍ରା ।
ମାନବ କର୍ମରେ ଅସନ୍ତୁଳିତ
ତାପମାତ୍ରା ବଢ଼ଇ ନିୟମିତ ।
ବୈଜ୍ଞାନିକଙ୍କ ଏ ଭବିଷ୍ୟ ବାଣୀ
ସ୍ଥଳକୁ ସଂପୂର୍ଣ୍ଣ ଗ୍ରାସିବ ପାଣି ।



ସ୍ଥିତି ଶୂନ୍ୟ ହେବ ଆମ ଧରଣୀ

ଏହାକୁ ମଣିଷ ନ ପାରେ ଜାଣି ।

ଅଲଟ୍ରାସାଉଣ୍ଡକୁ କରି ନିଜର

କନ୍ୟାଭ୍ରୂଣ ହତ୍ୟା କରେ ସତ୍ୱର ।

ମାନବ ସମାଜେ ହୋଇବ ଫାଟ

ବଞ୍ଚିବାର ଆଉ ନାହିଁରେ ବାଟ ।

ସୁନ୍ଦର ସୃଷ୍ଟିର ଶେଷ ଆସନ୍ନ

ଭାବିଲେ ଲାଗଇ ଭାରି ବିଷର୍ଣ୍ଣ ।

ଏବେଠାରୁ ଆମେ ସତର୍କ ହେବା

ସ୍ରଷ୍ଟାର ସୃଷ୍ଟିକୁ ବଞ୍ଚାଇ ଦେବା ।

ବୃକ୍ଷ ହିଁ ଜୀବନ ବୋଲି ମଣିବା

ସ୍ଥାନେ ସ୍ଥାନେ ଚାରା ଲଗାଇ ଦେବା ।

କନ୍ୟା ସନ୍ତାନକୁ ମାରିବା ନାହିଁ

ୟୁ.ଏସ୍.ଜିକୁ ଦେବା ଦୂରେଇ ।

*****

ତାଲଚେର, ଅନୁଗୋଳ

# ଜହ୍ନ, ତମେ ଓ ମୁଁ

ସୁଧୀର କୁମାର ପଣ୍ଡା

କେଉଁ ଏକ ପୁନେଇ ରାତିରେ ଭଲ ପାଇଥିଲି କି ତୁମକୁ ?
ଭୁଲରେ କେବେ ଭୁଲିକି ହଜାଇ ମୁଁ ଥିଲି କି ନିଜକୁ ?

ଜହ୍ନର ଶୀତଳ ସ୍ପର୍ଶ
ଦିଏ କିଆଁ ଜ୍ୱାଳା
କେବେ ତାକୁ ଦେଖି ସ୍ୱପ୍ନେ
ଥିଲି ମୁଁ ବାତୁଳା ।



କହି କି ଥିଲି ତୁମକୁ
ତୁମେ ପୂର୍ଣ୍ଣ ଚାନ୍ଦ

ତୁମ ଦରଶନ ପାଇଁ
ଥିଲା କେତେ ଛନ୍ଦ ।

ଦୁଇ ମନ ଚାରି ଆଖି
ଗୋଟିଏ ସପନ
ଜହ୍ନକୁ ଦେଖାଇ କିଛି
କହୁଥିଲ ଧନ ?

ଚନ୍ଦ୍ରଯାନ ଫନ୍ଦ୍ର ଯାନ
କିଛି ବି ନଜାଣି
କେମିତି ଜହ୍ନରେ ଘର
ଭାବିଲି କେଜାଣି ?

ତମେ, ମୁଁ ଓ ଜହ୍ନ, ତିନି
ହେଉଥିଲେ କଥା
ଡାକ୍ତି ଦେଲା, ଡାକିଦେଲା

ବାଦଲିଆ ବ୍ୟଥା ।

ଜହ୍ନ ରାତି କେତେ ସ୍ମୃତି
କରେ ଉଜାଗର
ଭଲ ଥିଲା ଭୁଲ୍ ଥିଲା
ହେବେ ପ୍ରେମ ମୋର ।

ଦଗାଦିଆ ସମୟଟା
କରିଲା କପଟ
ତମେ ଭଲ, ଜହ୍ନ ଭଲ
ମୁଁ ହିଁ ଛଟପଟ ।

ପୂର୍ଣ୍ଣମୀରେ ଢେଉ ଉଠେ
ମନ ହୃଦ ତଟେ
ତମେ ଖୁବ୍ ମନେପଡ
ସମୟର ବାଟେ ।

*****

ବ୍ରହ୍ମପୁର

# ଟିକି ଚଢେଇ

ବିଶ୍ୱନାଥ ନାୟକ

ହେ ଟିକି ଚଢେଇ !

ଯେତେ ମୁଁ ଡାକିଲି

ଟିକେ ତୁ ଶୁଣିଲୁ ନାହିଁ,

ସୁନାର ପଞ୍ଜୁରୀ

ସଜେଇ ରଖିଛି


ତୋହରି ରହିବା ପାଇଁ ।

ରୂପା ଟାଙ୍ଗୁଡିରେ

ରଖିଛି ତୋ ପାଇଁ

ଜାତି ଜାତି ମିଠାଫଳ,

ତୋ ପିଇବା ପାଇଁ



କାଂସ୍ୟପାତ୍ର ଭରି

ରଖିଅଛି ମିଠାଜଳ ।

ତୋ ପିନ୍ଧିବା ପାଇଁ

ସଜାଡି ରଖିଛି

ନାନା ରଙ୍ଗର ପୋଷାକ,

ତାକୁ ପିନ୍ଧିଦେଲେ

ତୋ ଫିଂକା ଶରୀର

ଦିଶୁଥିବ ଜକଜକ ।

ଥକା ଲାଗିଗଲେ

ଶୋଇବା ପାଇଁକି

ଅଛି ମଖମଲି ଶେଯ,

ସ୍ନେହ, ପ୍ରେମ ଦେଇ

ଆଦରେ ରଖିବି

ଚାଲିଆ ନକରି ଲାଜ ।

ସବୁତ ତୋ ପାଇଁ

ସାଇତି ରଖିଛି

ବଣରେ କିଆଁ ବୁଲିବୁ ?

ଖରା ବରଷାରେ

ଶୀତ କାକରରେ

ମିଛେ ହଟହଟା ହେବୁ ।

କେବଳ ଏତିକି

କରିବୁ ମୋ ପାଇଁ

ମୋ ପୋଷା ଚଢେଇ ହେବୁ,

ଯେଉଁ ରାମନାମ

ତୋତେ ଶିଖେଇବି

ସେତିକି ଖାଲି ଗାଇବୁ ।

କହିଲା ଚଢେଇ

ପ୍ରକୃତି ରଖିଛି

ମୋର ପାଇଁ ମିଠାଫଳ,

ଘର ମୋର ଅଟେ

ସୁନୀଳ ଆକାଶ

ପେୟ ଅଟେ ନଦୀଜଳ ।

ଦେଇଛି ବିଧାତା

ଖଟି ଖାଇବାକୁ

ମୋ ଦୁଇ ଡେଣାରେ ବଳ,

ପରିଶ୍ରମ କରି

ବଞ୍ଚିବାକୁ ଚାହେଁ

କରନା ମୋତେ ଦୁର୍ବଳ ।

ସବୁ ଦେଇ ଚାହଁ

ଛଡାଇ ନେବାକୁ

ମୋର ବାକ୍ ସ୍ୱାଧୀନତା,

ଲୋଡାନାହିଁ ମୋର

ସୁନାର ପଞ୍ଜୁରୀ

ଯା ନାମ ପରାଧୀନତା ।

ଦୂର ଗଗନରେ

ଉଡିବା ଆଗରୁ

କାଟନାହିଁ ମୋର ଡେଣା,

ସ୍ୱାଭିମାନ ସହ

ବଞ୍ଚିବାକୁ ଚାହେଁ

ଚାହେଁନା କାହା କରୁଣା ।

*****

ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ,

ସ୍ୱାମୀ ବିବେକାନନ୍ଦ ସ୍ମାରକ

ମହାବିଦ୍ୟାଳୟ, ଜଗତସିଂହପୁର

# ଗଦ୍ୟ ବିଭାଗ



*"ବସୁଦେବ ଓ ଦେବକୀ ହେବା ଖୁବ୍ ସହଜ, ଥରେ ନନ୍ଦ ଆଉ ଯଶୋଦା ହୋଇ ଦେଖନ୍ତୁ ନା । ସ୍ୱୟଂ କୃଷ୍ଣ ଭଗବାନଙ୍କୁ କୋଳରେ ଧରି ପାରିବେ ବିଭିନ୍ନ ରୂପରେ । ଏହାଠାରୁ ବଡ଼ ସୌଭାଗ୍ୟ ଆଉ କ'ଣ ଅଛି ?"*

**ରୋଜା ପଣ୍ଡା**

# ଅନାଥ ଅଭିଶାପ ନୁହେଁ

ରୋଜା ପଣ୍ଡା

ପ୍ରତିବର୍ଷ ପରି ଆଜି ବି ସେଇ କୁନି କୁନି ପିଲାମାନଙ୍କ ସହିତ ଜନ୍ମଦିନ ପାଳିବା ପାଇଁ ଖୁବ୍ ଆଗ୍ରହର ସହିତ ମୁଁ ବାହାରି ପଡିଲି ଟ୍ରାଫିକ ଛକ ପାଖ ସେଇ ପବିତ୍ର ଅନାଥ ଆଶ୍ରମକୁ । ହେଲେ ଏଥର କିନ୍ତୁ ସେଠି ପହଞ୍ଚି ମୁଁ ଖୁବ୍ ଆଶ୍ଚର୍ଯ୍ୟ ହେଇଗଲି । ଆଉ ଖୁବ୍ ଖୁସି ମଧ୍ୟ ହେଇଗଲି ମୋ ସାମ୍ନାରେ ଘଟୁଥିବା ଦୃଶ୍ୟକୁ ଦେଖି । ମୁଁ ଦେଖିଲି, ଜଣେ ସୁନ୍ଦର ସ୍ତ୍ରୀ ଲୋକ ତାଙ୍କ ସ୍ୱାମୀଙ୍କ ସହିତ ମୋ ପୂର୍ବରୁ ସେଇ ଅନାଥ ଆଶ୍ରମରେ ପହଞ୍ଚି ସାରିଛନ୍ତି । ଆଉ ସାଙ୍ଗରେ ନେଇଆସିଛନ୍ତି ଏକ ମହାନ ପବିତ୍ର ପଦକ୍ଷେପ । ମୁଁ ସେମାନଙ୍କ ପାଖକୁ ଯାଇ ତାଙ୍କ ମହାନ ଚିନ୍ତାଧାରା ଆଉ ନିଃସ୍ୱାର୍ଥପର ପଦକ୍ଷେପକୁ ସାଦର ପ୍ରଣିପାତ କଲି । ଆଉ ଜାଣିବାକୁ ପାଇଲି ଯେ ସେମାନେ ନବ ବିବାହିତ । ଦୁହେଁ କର୍ମଜୀବି । ଦୁହେଁ ସମାଜ କଲ୍ୟାଣ ପାଇଁ ସଦା ଚେଷ୍ଟିତ । ସମାଜର ମଙ୍ଗଳ ପାଇଁ କିଛି କାର୍ଯ୍ୟ

କରିବାକୁ ସେ ଦୁହେଁ ସଂକଳ୍ପବଦ୍ଧ । ବହୁତ ଖୁସି ଲାଗିଲା ସେମାନଙ୍କ ସହିତ ସାକ୍ଷାତ କରି । ଭାବିଲି ଯାହାହେଉ ଏଇ ବର୍ଷ ଜନ୍ମଦିନଟି ଖୁବ୍ ନିଆରା ଆଉ ସ୍ମରଣୀୟ ହେଇ ରହିବ । ଏତେ ବଡ ହୃଦୟବାନ ଆଉ ମହାନ ବ୍ୟକ୍ତିତ୍ୱମାନଙ୍କ ସହିତ କଥା ହେବାର ସୁଯୋଗ ଯେ ପାଇଲି । ସେମାନଙ୍କର ମହାନ ପଦକ୍ଷେପ ଥିଲା, ଯେ ସେମାନେ ଏଇ ଅନାଥ ଆଶ୍ରମରୁ ଏକ ଛୋଟିଆ କଅଁଳ ଶିଶୁକୁ ନିଜ କୋଳକୁ ନେବେ । ଆଉ ସେଇ ବାପା, ମାଆ ନଥିବା ଶିଶୁକୁ ନିଜ ସନ୍ତାନର ପରିଚୟ ଦେଇ ତା' ଭବିଷ୍ୟତକୁ ଉଜ୍ଜ୍ୱଳ କରି ଗଢିତୋଳିବେ । ବାଃ ସତରେ କେତେ ଉର୍ଦ୍ଧରେ ସେମାନଙ୍କ ଭାବନା ! କେତେ ଉଦାର ସେମାନେ ! ଏମିତି ଚିନ୍ତା କରୁକରୁ ଛୋଟ ଝିଅଟିଏ ଆଶ୍ରମ ଭିତରୁ ସଜବାଜ ହେଇ ବାହାରି ଆସିଲା । ତିନି କି ଚାରି ବର୍ଷର ଝିଅଟିଏ । ଶ୍ୟାମଳ ରଙ୍ଗ । ଧୀରେ ଧୀରେ ପାଦ ଚିପି ଚିପି ଝିଅଟି ଉକ୍ତ ସ୍ତ୍ରୀ ଲୋକଜଣଙ୍କ ପାଖକୁ ଆସି ଡରି ଡରି କହିଲା, ଆପଣ କ'ଣ ମୋ ମାଆ ହେବେ ? ଝିଅଟି ପାଟିରୁ ଏତିକି ଶୁଣି ସ୍ତ୍ରୀ ଲୋକଜଣଙ୍କ କୁନି ଝିଅଟିକୁ କୋଳେଇ ନେଲେ ।

ଶେଷରେ ସବୁ ଔପଚାରିକତା ଓ ନିୟମ ପୂରଣ ହେବାପରେ ସ୍ୱାମୀ, ସ୍ତ୍ରୀ ଦୁହେଁ ସେଇ କୁନି ଝିଅଟିକୁ ସାଙ୍ଗରେ ନେଇ ଚାଲିଗଲେ । ସତରେ କେତେ ଖୁସିର ମୁହୂର୍ତ୍ତ ଥିଲା ଝିଅଟି ପାଇଁ । ଈଶ୍ୱରଙ୍କ ସୃଷ୍ଟିର ଏଇ ଛୋଟିଆ ନିରୀମାଖି ଫୁଲଟିକୁ ଆଜି ମାଆ କୋଳଟିଏ ମିଳିଗଲା । ଆଉ ତା' ସାଙ୍ଗକୁ ଅଲୋକମୟ ସୁନ୍ଦର ଭବିଷ୍ୟତ । ଶେଷରେ ମୁଁ ଆଶ୍ରମର ଅନ୍ୟ ପିଲାମାନଙ୍କୁ ଚକୋଲେଟ୍ ଦେଇ ଅତ୍ୟନ୍ତ ଖୁସିରେ ଘରକୁ ଫେରିଲି । ଏହା ଥିଲା ମୋର ଆଜି ସକାଳର ଏକ ଅଭୁଲା ଅନୁଭୂତି । କାହିଁକି କେଜାଣି ସନ୍ଧ୍ୟାବେଳେ ଆଉଥରେ ଇଚ୍ଛା ହେଲା ସେଇ ଆଶ୍ରମ ଆଡ଼େ ଟିକେ ବୁଲିଆସନ୍ତି । ଜନ୍ମଦିନ ବାହାନାରେ କିଛି ସମୟ ବିତାଇ ଆସନ୍ତି ସେଇ କୁନି କୁନି ପିଲାଙ୍କ ଗହଳରେ । ଏମିତି ଭାବନାର ପରିଶେଷରେ ଘରେ ସନ୍ଧ୍ୟାବତୀ, ଆଳତୀ ସାରି ଆଉଥରେ ବାହାରିପଡିଲି ସେଇ ଆଶ୍ରମ ଅଭିମୁଖେ । ସେଠି ପହଞ୍ଚି ଦେଖିଲି ସମସ୍ତେ ଅତି ଦୁଃଖରେ ମୁଣ୍ଡ ପୋତି ବସିଛନ୍ତି ।କାହାରି ମୁହଁରେ ହସ ନାହିଁ । ଭାବିଲି ସେଇ କୁନି ଝିଅଟି ଆଶ୍ରମ ଛାଡି ଚାଲିଯାଇଛି ବୋଲି ହୁଏତ ସମସ୍ତେ ତା'ର ଅଭାବକୁ

ଅନୁଭବ କରୁଛନ୍ତି । ହେଲେ ଏ କ'ଣ ? ସେ କୁନି ଝିଅଟି କ'ଣ ଏଠି ? ସେ ତ ନୂଆ ଏକ ଜୀବନ ବଞ୍ଚିବାପାଇଁ ଯାଇଥିଲା । କ'ଣ ହେଲା ? ମୁଁ ଯାଇ ଆଶ୍ରମ ପରିଚାଳକଙ୍କୁ ଏସବୁ ବିଷୟରେ ପଚାରିଲି । ସେ କହିଲେ, ଯେଉଁ ସ୍ୱାମୀ, ସ୍ତ୍ରୀ ଉକ୍ତ କୁନିଝିଅକୁ କୋଳେଇ ନେଇଥିଲେ ସେମାନେ ଆଉ ଟିକିଏ ପୂର୍ବରୁ ଆଣି ତାକୁ ଏଇଠାରେ ପୁନର୍ବାର ଛାଡ଼ି ଦେଇଗଲେ । ମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲି, କିନ୍ତୁ କାହିଁକି ? ସେମାନେ ତ ବହୁତ ଭଲ ଲୋକ ଥିଲେ । ମୋ କଥା ଶୁଣି ପରିଚାଳକ କହିଲେ, ହଁ ସେମାନେ ଖୁବ୍ ଭଲ ଲୋକ । କିନ୍ତୁ ସେମାନଙ୍କ ଘରେ ଥିବା କିଛି ବୟୋଜ୍ୟେଷ୍ଠ ବ୍ୟକ୍ତି ଖୁବ୍ ଛୋଟ ପ୍ରକୃତିର । ସେମାନେ ବିଶେଷକରି ଉକ୍ତ ସ୍ତ୍ରୀ ଲୋକଜଣଙ୍କ ଶାଶୁ ଏହି କୁନି ଝିଅଟିକୁ ଗ୍ରହଣ କଲେନାହିଁ । ଏଇ କୁନି ପିଲାଟିକୁ ଘରେ ରଖିଲେ କୁଆଡେ ସେମାନଙ୍କ ଜାତି, ଧର୍ମ ନଷ୍ଟ ହେଇଯିବ । କେଉଁ ଜାତିର ପିଲା କି କାହାର ଅବୈଧ ସନ୍ତାନ ହେଇଥିବ ଭାବି ତାକୁ ଘରେ ରଖିବାକୁ ସିଧା ସିଧା ମନା କରିଦେଲେ । ଆହୁରି ମଧ୍ୟ ଉକ୍ତ ସ୍ତ୍ରୀ ଲୋକଜଣଙ୍କୁ ପିଲା ଜନ୍ମ କରିବାର ଯୋଗ୍ୟତା ନାହିଁ ବୋଲି ରାସ୍ତା କଡ଼ରୁ

ଅନ୍ୟର ପିଲାକୁ ଗୋଟେଇ ଆଣିଛୁ କହି ଘରୁ ବାହାର କରିଦେବାର ଧମକ୍ ମଧ୍ୟ ଦେଲେ । ସେଇ ଭୟରେ ବିଚାରି ସ୍ତ୍ରୀ ଲୋକଜଣଙ୍କ ନିଜର ମାନବିକତାକୁ ପାଦରେ ଦଳି ପିଲାଟିକୁ ଆଣି ଛାଡ଼ି ଦେଇଗଲେ । ସେ ବା କ'ଣ କରି ପାରିଥାନ୍ତେ ? ଶାଶୁଘରେ ଗୋଟେ ଝିଅର କ'ଣ ବା ଅଧିକାର ଥାଏ ? ଆଶ୍ରମ ପରିଚାଳକଙ୍କ ମୁହଁରୁ ଏମିତି ଶୁଣି ମୁଁ କିଛି ସମୟ ପାଇଁ ସ୍ତବ୍ଧ ହେଇଗଲି । ଭାବିଲି ସତରେ ଆମ ସଂସ୍କାର କ'ଣ ଏଇଭଳି ? ଗୋଟେ ନିରୀହ, ନିଷ୍ପାପ ଅନାଥ ଶିଶୁକୁ କୋଳକୁ ନେବା କ'ଣ ଭୁଲ ? ଏଇ ସାରା ସଂସାରକୁ ପରିଚାଳନା କରୁଥିବା ଈଶ୍ୱର କଣ ଭକ୍ତ ଭିତରେ ଜାତି, ଧର୍ମ ଦେଖୁଛନ୍ତି ? ତେବେ ସେଇ ଈଶ୍ୱରଙ୍କ ସୃଷ୍ଟିର ଏଇ ମଣିଷ ମନରେ ଏତେ ନକରାତ୍ମକ ଭାବନା କ'ଣ ପାଇଁ ? ରକ୍ତ ସମ୍ପର୍କ ଖୋଜୁଥିବା ଏଇ ମଣିଷ ଜାତି କ'ଣ କେବେ ଭାବିଛି ଯେ ଯେଉଁ ଝିଅଟିକୁ ସେ ନିଜର ପୁଅ ସହିତ ବିବାହ କରାଇ ନିଜ ଘରକୁ ଆଣୁଛି ସେଇ ଝିଅ କ'ଣ ତା'ର ରକ୍ତ ସମ୍ପର୍କ ? ସେ ବି ଅନ୍ୟ କାହାର ସନ୍ତାନ । ତେବେ ଯେତେବେଳେ ଏଇ ସମାଜ ଅନ୍ୟ କାହାର ଝିଅ କରୁଥିବା ରୋଷେଇରେ

ନିଜ ପେଟ ପୁରାଉଛି ସେତେବେଳେ କ'ଣ ତାର ଜାତି, ଧର୍ମ ନଷ୍ଟ ହେଉନି ? ଅନ୍ୟ କାହା ଝିଅ ଉପରେ ଜୁଲମ୍ କରୁଛି, ଅନ୍ୟ କାହା ଝିଅଠାରୁ ସେବା, ଯତ୍ନ ଖୋଜୁଛି ସେତେବେଳେ କ'ଣ ଜାତି, ଧର୍ମ ନଷ୍ଟ ହେଉନି ? ଯଦି ସେଇ ଝିଅ ଶାଶୁଘର ଲୋକଙ୍କୁ ପର ବା ନିଜ ରକ୍ତ ନୁହେଁ ବୋଲି ଭାବି ସେମାନଙ୍କ ପ୍ରତି ଖରାପ ବ୍ୟବହାର କରେ, ସେମାନଙ୍କ ଯତ୍ନ ନେବା ବନ୍ଦ କରିଦିଏ, ଆଉ ପରଲୋକ ଭାବି ଦୂରେଇଯାଏ ତେବେ ସେ ଝିଅ ସମାଜ ଆଖିରେ କୁସଂସ୍କାରି ଝିଅ ପାଲଟିଯାଏ । ହେଲେ ସେଇ ସମାଜର କିଛିଟା ଅଭଦ୍ର ଲୋକମାନେ ଗୋଟେ ନିରୀହ ଅନାଥ ଶିଶୁକୁ ପର ଆଉ ଜାତି, ଧର୍ମ ନଥିବା ଅବୈଧ ସନ୍ତାନ ଭାବି ଘୃଣା କରିବା କେତେଦୂର ଠିକ୍ ? ଜନସଂଖ୍ୟା ବୃଦ୍ଧିରେ ଆମ ଦେଶ ଦ୍ଵତୀୟ ସ୍ଥାନରେ ଅଛି । ସେଇଥିପାଇଁ ଆମ ଦେଶ ବେକାରୀ ସମସ୍ୟାରେ ବି ଆଗୁଆ ଆଉ ଗରିବରେ ମଧ୍ୟ । ଏହାର କାରଣ ବି ଆମେ ନିଜେ । କାରଣ ଜନସଂଖ୍ୟା ହୁ ହୁ ହେଇ ବଢୁଛି ଜାଣି ମଧ୍ୟ ଆମେ ଆମ ଆଗାମୀ ପିଢ଼ିଙ୍କୁ ବିବାହର ଗୋଟିଏ ବର୍ଷ ପୁରିବା ପୂର୍ବରୁ ହିଁ

ପିଲାଛୁଆ ଜନ୍ମ କର ବୋଲି ବାଧ କରୁଛେ । ପୁଣି ଦୈବାତ ଯଦି ଝିଅଟିଏ ଜନ୍ମ ହେଉଛି ତେବେ ପୁତ୍ର ସନ୍ତାନ ନହେବା ପର୍ଯ୍ୟନ୍ତ ଚାଲୁଛି ଏହି ଜନ୍ମଚକ୍ର । ବାପା, ମାଆମାନେ ପିଲା ଜନ୍ମ କରିଦେଉଛନ୍ତି ସତ କିନ୍ତୁ ପୁଅ ଲୋଭରେ ପ୍ରତି ଘରେ ତିନି କି ଚାରି ପିଲା । ଯାହା ଫଳରେ ଶିକ୍ଷା ଦେବା, ପିଲାଙ୍କୁ ଠିକ୍ ଭାବରେ ଗଢି ତୋଳିବାରେ ଅସୁବିଧା ସୃଷ୍ଟି ହେଉଛି । ଆଉ ଜନସଂଖ୍ୟା ବଢିବା ସାଙ୍ଗକୁ ବେକାର ସଂଖ୍ୟା ବି ବୃଦ୍ଧି ହେଉଛି । ଯୁଗ ବଦଳିଲାଣି ଭାଇ । ଏବେ ଆମେ ଚନ୍ଦ୍ରପୃଷ୍ଠରେ ପହଞ୍ଚିଲେଣି । ତେବେ ଆମ ଚିନ୍ତାଧାରା ଏତେ ନିମ୍ନ କଣ ପାଇଁ ? ଅନାଥ ହେବା ଅଭିଶାପ ନୁହେଁ, ଏହା ହୁଏତ କାହାର ଦୁର୍ଭାଗ୍ୟ । ଆମେ ଚାହିଁଲେ ଏଇ ଦୁର୍ଭାଗ୍ୟକୁ ବଦଳାଇ କାହା ଜୀବନରେ ଆଲୋକ ଆଉ ସୌଭାଗ୍ୟର ସୂର୍ଯ୍ୟ ଉଦୟ କରିପାରିବା । ଆସନ୍ତୁ କିଛି ନୂଆ କରିବା । କେତେଦିନ ଆଉ ସେଇ ପୁରୁଣା ସଂସ୍କାର ନାମରେ କୁସଂସ୍କାରକୁ ଜାବୁଡି ଧରିଥିବା । ଏହାକୁ ଧରି ଆମ ପୂର୍ବପୁରୁଷ ପାଇଛନ୍ତି କ'ଣ ? ଗୋଟେ ଛୋଟ ପ୍ରୟାସ ଦ୍ୱାରା ଆମେ ଆମ ଦେଶର ଜନସଂଖ୍ୟାକୁ ହ୍ରାସ କରିବା ସହିତ କିଛି

ନିଷ୍ପାପ କଢିକୁ ଫୁଲ ଫୁଟିବାରେ ସାହାଯ୍ୟ କରିବା । ଯଦି ଗୋଟିଏ ଦମ୍ପତି ଗୋଟିଏ ଅନାଥ ଶିଶୁକୁ କୋଳେଇ ନେବେ ତେବେ ଲକ୍ଷ ଲକ୍ଷ ଅନାଥ ଶିଶୁଙ୍କ ଭାଗ୍ୟ ବଦଳିଯିବ । ତା' ସହିତ ସନ୍ତାନ ଲୋଭରେ ବାରମ୍ବାର ପିଲା ଜନ୍ମ କରି ଯେଉଁ ଜନସଂଖ୍ୟା ବୃଦ୍ଧି ହେଉଛି ସେଥିରୁ କିଛିଟା ହ୍ରାସ ପାଇବ । ମୁଁ କହୁନି ଯେ ସନ୍ତାନ ଜନ୍ମ କରିବା ଭୁଲ, କିନ୍ତୁ ପୁତ୍ର ଲୋଭରେ ବାରମ୍ବାର ଗୋଟେ ସ୍ତ୍ରୀକୁ କଷ୍ଟ ଦେବା ସମ୍ପୂର୍ଣ୍ଣ ଭୁଲ । ଆସନ୍ତୁ ନା କିଛି ନୂତନ ପନ୍ଥା ଅପଣେଇବା । କାହାର ଅବହେଳିତ ଜୀବନକୁ ସଜାଡିବା, ଜୀବନରେ ଅତି କମରେ ଗୋଟିଏ ଅନାଥ ଶିଶୁକୁ କୋଳକୁ ନେବା । ଏଥିରେ କିଛି ଜାତି, ଧର୍ମ ନଷ୍ଟ ହେବନି ବରଂ କୋଳ ପୁରିଯିବ । ହୁଏତ ଆମ ଅଜାଣତରେ କାହାର ଶୁଖିଲା ଓଠରେ ଟେନାଏ ହସ ଫୁଟିଉଠିବ । ଯେଉଁ ହସ ଆମ ଜୀବନକୁ ଆଲୋକିତ କରିଦେବ, ଆମ ଅଭିଶପ୍ତ ଜୀବନରେ ଆଶୀର୍ବାଦ ଭରିଦେବ ଆଉ ଆମ ଆଗାମୀ ଚଲାପଥକୁ କୁସୁମିତ କରିଦେବ ।

ବସୁଦେବ ଓ ଦେବକୀ ହେବା ଖୁବ୍ ସହଜ, ଥରେ ନନ୍ଦ ଆଉ

ଯଶୋଦା ହେଇ ଦେଖନ୍ତୁ ନା । ସ୍ୱୟଂ କୃଷ୍ଣ ଭଗବାନଙ୍କୁ କୋଳରେ ଧରିପାରିବେ ବିଭିନ୍ନ ରୂପରେ । ଏହାଠାରୁ ବଡ ସୌଭାଗ୍ୟ ଆଉ କଣ ଅଛି ?


*****

ପୂର୍ଣ୍ଣାନନ୍ଦ ଭବନ,
ନେତାଜୀ ନଗର,
ମଧୁପାଟଣା, କଟକ

# ଅଭାବ ଦାସର ଅଭାବ

ସୁଧାଂଶୁ ଶେଖର ଦ୍ୱିବେଦୀ

ମୁଖ୍ୟ ରାସ୍ତା ପାର୍ଶ୍ୱରେ ଆଉ ଏକ ରାସ୍ତା । ଉପରାସ୍ତା ବା ଫୁଟପାଥ । ଯିବା ଆସିବାର ନିରାପଦ ସ୍ଥାନ । ଫୁଟପାଥରୁ ସାଉଁଟିହୁଏ ଅନେକ କାହାଣୀ । ଅଭାବ ଦାସ ମାନଙ୍କର ଅଙ୍ଗେଲିଭା କାହାଣୀ । ଅଭାବ ଦାସ ମାନେ ରାସ୍ତାକଡରେ ଘର କରନ୍ତି । ଆନୁମାନିକ ଲମ୍ବ ଓସାର ମାପି ନେବା ପରେ ପଲିଥିନ୍ ଛାଉଣୀ ଘରେ ସଂସାରର ସୁଖ-ଦୁଃଖକୁ ନିଜଭିତରେ ବାଂଟନ୍ତି । ଦୁଃଖର କଷଣକୁ ଘାଣ୍ଟି ସନ୍ତୁଳି ସବୁଦିନେ ସୁଖକୁ ଖୋଜୁ ଖୋଜୁ ସେଇ ଦୁଖଃଭିତରେ ଦିନ ଗଣନ୍ତି । କିଏ ଠେଲାଗାଡି ଚଲାଏ, କିଏ କୁଲି କାମ କରେ କିଏ ପୁଚୁକା ବିକେ ପୁଣି କିଏ ଡ଼ଷ୍ଟବିନରୁ ବାବୁମାନଙ୍କ ଘରୁ ଫିଙ୍ଗା ହୋଇଥିବା ଅଦରକାରୀ ଜିନିଷକୁ ସାଉଁଟିନେଇ ବଜାରରେ ବିକ୍ରି କରେ ।



ଛଅଟି ଋତୁର ପ୍ରତିକ୍ରିୟାକୁ ନିଜଭିତରେ ଅନୁଭବ କରି ଜୀବନ ଜିଇବା ଯେତେ ସହଜ ସଂସାର ସମ୍ଭାଳିବା ସେତେ ଅସହଜ ହୋଇପଡେ ଅଭାବ ଦାସ ମାନଙ୍କୁ । ଅଭାବୀ ଅଭାବ ଦାସ ମାନେ କେବେ ଋତୁଚକ୍ରରେ ତ କେବେ ସାମାଜିକ ବିବର୍ତ୍ତନରେ ପୁଣି କେବେ ରାଜନୈତିକ ପ୍ରତାରଣାରେ ପ୍ରତାଡୀତ ହୋଇ ଜୀବନକୁ ବିଶ୍ଳେଷଣ କରନ୍ତି । ଅଭାବ ଦାସର ନାଁ ଟା ସମସ୍ତଙ୍କ ପାଖେ ପରିଚିତ । ରହେ କଲକତାର ବଡ଼ବଜାର ସ୍ଥିତ କେଉଁ ଏକ ଅଜ୍ଞାତ ଗଳି ଭିତରେ । ଶୁଏ ଫୁଟପାଥରେ । ଖାଏ କଣ କହି ହେବନି । ତା’ ସଂସାର ଗାଁରେ । ନିହାତି ଦରକାର ପଡ଼ିଲେ କେବେ କେମିତି ଗାଁକୁ ଯାଏ । ଦିନେ ଦି'ଦିନ ପରେ ଫେରିଆସେ । ପୁଣି କାମରେ ଲାଗିପଡ଼େ ନିଧଡକ । ଠେଲାଭର୍ତି ବୋଝକୁ ମୋଟିଆ ହୋଇ ଟାଣି ଟାଣି ନିଏ ଗୋଟିଏ ଜାଗାରୁ ଆଉ ଗୋଟେ ଜାଗାକୁ ବାବୁମାନଙ୍କ ହୁକୁମରେ । ଝାଳବୁହା କାମ କରେ । ତା’ ଝାଳର ମୂଲ କେହି ଦିଆନ୍ତିନି । ସେ ବି ବାବୁମାନଙ୍କ ପାଖରେ ଅଭିଯୋଗ କରେନି ।

ହେଲେ ସେ ବୁଝିପାରେନି ବାବୁମାନେ ତା ଖଟଣିର ମୂଲ ଦେବାବେଳେ କାଟଛାଟ କରି କ'ଣ ପାଇଁ ଦିଅନ୍ତି ? ମନେ ମନେ ଭାବିହୁଏ ମୋଠାରୁ ଅଭାବୀ ବି ଏ ଦୁନିଆଁରେ ଅଛନ୍ତି ଯେଉଁମାନେ ଅଭାବୀମାନଙ୍କ ମୂଲ ମଜୁରୀକୁ କଟଛାଟ କରି ଧନୀ ହେଉଛନ୍ତି ।

*****

ବିସି-୭୪, ସେକ୍ଟର-୧,
ସଲଟ୍ ଲେକ୍, କୋଲକାତା

# ଶେଷ ଇଛା

ଶିବ ଚରଣ ମହାପାତ୍ର

ଚକ୍ରଧରପୁର ଗାଁର ଚବିଶ ପ୍ରହର ହରି ନାମ ସଂକୀର୍ତ୍ତନର ଆଜି ଉଦଯାପନ ଦିବସ । ଏହି ଅବସରରେ ଉସ୍ଵବ ମୁଖର ଚକ୍ରଧରପୁର ଗାଁ । ଆବାଳ ବୃଦ୍ଧ ବନିତା ସମସ୍ତେ ହର୍ଷ ଉଲ୍ଲାସରେ ଏକାଠି ରୁଣ୍ଡିଭୁତ । ହରିନାମ ସଂକୀର୍ତ୍ତନର ଭାବ-ଭକ୍ତି ସାଗରରେ ଯେମିତି ସମସ୍ତେ ତଲ୍ଲିନ । ହରିନାମ ସଂକୀର୍ତ୍ତନର ତାଳେ ତାଳେ ଜୀବ-ଜନ୍ତୁ, ତରୁ-ଲତା, ଗୁଳ୍ମ ଆଦି ସଭିଏଁ ବିଭୋର । ଲାଗୁଥିଲା ସତେ ଅବା ଏଇତ ବୃନ୍ଦାବନ । ସେଇଠି ଠାକୁର ଘର ବାରଣ୍ଡା ଖୁମ୍ବକୁ ଲାଗି ବସି ରହିଥାଆନ୍ତି ଜଣେ ୬୫ -୭୦ ବର୍ଷର ବୃଦ୍ଧ । ଚମ ଧୁଡୁଧୁଡୁ, କୋଠରଗତ ନେତ୍ର, ସଫେଦ୍ କେଶ କିନ୍ତୁ ଉଜ୍ଜଳ ଦିଶୁଥାଏ ତାଙ୍କର ମୁଖ ମଣ୍ଡଳ । ମୁହଁରୁ ବାହାରି ଆସୁଥାଏ ହରିନାମ ମହାମନ୍ତ୍ର "ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ

ହରେ ହରେ ରାମ ହରେ ରାମ ରାମ ରାମ ହରେ ହରେ" । ଆହାଃ କି ଅପୂର୍ବ ସେ ଦୃଶ୍ୟ । ହଠାତ୍ ସେ ବୃଦ୍ଧଙ୍କର ବାକ୍ୟ ଅସ୍ପଷ୍ଟ ହେବା ସହିତ କଣ୍ଠ ବାଷ୍ପାରୁଦ୍ଧ ହେବାକୁ ଲାଗିଲା । ଆରେ ଏ କ'ଣ ହେଲା...? ସତେ କି କେହି ଜଣେ ଅଦୃଶ୍ୟରେ ଏ ପୃଥିବୀର ସମସ୍ତ ପବନକୁ ରୋକି ଦେଉଛି । ହରିନାମ ମହାମନ୍ତ୍ରର ମଧୁମୟ କୋଳାହଳ ପରିବେଶ ବୃଦ୍ଧଙ୍କ କର୍ଣ୍ଣ ଗହ୍ୱର ଆଉ ଭେଦ କରି ପାରୁ ନଥିଲା । ପୂଜାମଣ୍ଡପର ଅଗୁର ଚନ୍ଦନ ଝୁଣା ଧୂପର ବାସ୍ନାୟିତ ଆକର୍ଷଣ ତାଙ୍କ ଶରୀରର ସୁକ୍ଷ୍ମ ତନ୍ତ୍ରୀରେ ପ୍ରବେଶ କରି ପ୍ରତିଟି ସୁକ୍ଷ୍ମ ଭାବନାକୁ ଜାଗ୍ରତ କରିପାରୁ ନଥିଲା । ଆୟୁଷ ଆଉ ମହାକାଳର ଘମାଘୋଟ ଯୁଦ୍ଧ ଅନ୍ତରେ ହାରିଯାଇଥିଲା ସେ ବୃଦ୍ଧ ଜଣଙ୍କର ନିଶ୍ୱାସ ଟିକକ । କିଛି କ୍ଷଣପରେ ପୃଥିବୀର ସ୍ଥାବର ଜଙ୍ଗମକୀଟ ତରୁଲତା ସବୁ କିଛି ଶାନ୍ତ ନୀରବ ଆଉ ନିଶ୍ଚଳ ପାଲଟିଗଲା । ହରିନାମ ମହାମନ୍ତ୍ରର ତାଳେ ତାଳେ ତାଙ୍କ(ବୃଦ୍ଧ) ଚିତ୍ ଆତ୍ମାଟି ସେ ନଶ୍ୱର ଶରୀର ଛାଡି ଉଡିଯାଇଥିଲା ।

ସଙ୍ଗେ ସଙ୍ଗେ ଗୁଡ ହାଣ୍ଡିକୁ ଜନ୍ଦା ଘେରିବା ପରି ସବୁ ଲୋକ ଘେରିଗଲେ । ଫୁସୁରୁ ଫାସୁରୁ କଥା ଆରମ୍ଭ ହେଇଗଲା । ଜାଣିବାକୁ ପାଇଲେ ସେ ବୃଦ୍ଧ ଜଣକ ପାଖ ଗାଁ'ର ବିଶ୍ୱନାଥ ଦେହୁରୀ । ତାଙ୍କ ଘରକୁ ଖବର ଦେଇ ଦିଆଗଲା । ଦୁଇ ପୁଅ ସାଙ୍ଗେ ସାଙ୍ଗେ ଆସି ଠାକୁର ଘର ମଣ୍ଡପ ପାଖରେ ପହଞ୍ଚିଗଲେ । ସମସ୍ତ ଲୋକଙ୍କ ଅନୁରୋଧରେ ସେଇ ଗାଁ ମଶାଣିରେ ହିଁ ବିଶୁ ବୁଢା'ର ଶବ ସତ୍କାର କରାଗଲା । କେହି କେହି ଲୋକ କହୁ ଥାଆନ୍ତି ବୁଢା କାଳେ ଭାରି ଧର୍ମପରାୟଣ ଲୋକ ଥିଲା । ତା' ଆତ୍ମା ଭଗବାନଙ୍କ ପାଖରେ ଲିନ ହେଇଯିବ । ବିଶୁ ବୁଢା ଚିତାରେ ମୁଖାଗ୍ନି ଦେଉଦେଉ ତା'ର ବଡପୁଅ ଗୁଣୁ ଗୁଣୁ ହେଇ କହୁଥାଏ,-" ବାପା... ଆଜି ଆପଣଙ୍କର ଶେଷ ଇଛା ପୁରଣ ହେଇଛି ବାପା । ମୋତେ କ୍ଷମା କରିଦେବ । ଜୀବନକୁ ବୁଝିବାରେ ମୁଁ ବହୁତ ବିଳମ୍ବ କରି ଦେଇଛି ।"

ଶୁଣିବାକୁ ମିଳୁଥିଲା ବିଶୁ ବୁଢା କାଳେ ଖୁବ୍ ଭଲ ମଣିଷଟିଏ

ଥିଲା । ସାରା ଜୀବନ କେବଳ ସମାଜ, ସଂସ୍କୃତି, ରିତି, ପରମ୍ପରା, ପରୋପକାର ଏବଂ ଏଇ ହରିନାମ ସଂକୀର୍ତ୍ତନରେ କଟିଗଲା । ଏଇ କିଛି ବର୍ଷ ତଳର ଘଟଣା ଯେତେବେଳେ ବୁଢାର ସ୍ତ୍ରୀ ଇହଧାମ ସମ୍ବରଣ କଲା ବୁଢା ଟିକିଏ ଭାଙ୍ଗି ପଡିଥିଲା । ନିଜକୁ ସମ୍ଭାଳିନେବା ତା' ପାଇଁ ଖୁବ୍ କଷ୍ଟଦାୟକ ଥିଲା । ସେତେବେଳେ ଏଇ ଲୋକମାନଙ୍କର ସେବା ଆଉ ପରୋପକାରର ବେଦମନ୍ତ୍ର ହିଁ ତାକୁ କାଳେ ସଳଖି ହୋଇ ଚାଲିବାକୁ ସାହାସ ଦେଇଥିଲା । କିନ୍ତୁ ଦୁଇ ପୁଅ ଦୁଇ ବୋହୁଙ୍କୁ ଏସବୁ ଭଲ ଲାଗୁ ନଥିଲା । ଦିନେ ବଡ ପୁଅ ସିଧା ସିଧା ଶୁଣେଇ ଦେଲା, -"ଦେଖନ୍ତୁ ବାପା, ଆପଣ ସେବା ଧର୍ମ କରୁଛନ୍ତି ତ କରନ୍ତୁ କିନ୍ତୁ ଘରୁ ଖାଇ ପିଇ ଏ ପରୋପକାର, ସମାଜ, ସଂସ୍କୃତି , ସମସ୍ତଙ୍କ ଭଲ ମନ୍ଦ ବୁଝିବା, ବିଚାର କରିବା ସବୁ ବନ୍ଦ କରନ୍ତୁ । କ'ଣ ମିଳୁଛି ସେ ଫାଲତୁ କାମରୁ । "ବିଶୁ ବୁଢା ଟିକିଏ ମୁରୁକି ହସିଦିଏ କହିଲା,-" ବାପାରେ ତୋର ମନେ ଅଛି..?

ଯେତେବେଳେ ଦେଶ ସ୍ୱାଧୀନ ହେଇ ନଥିଲା, ଇଂରେଜ ସରକାରଙ୍କ କବଳରୁ ମୁକ୍ତ ହେବାକୁ ଆମ ଦେଶର ଅନେକ ବିପ୍ଳବୀ ଗୋରା ସରକାରଙ୍କ ବିରୋଧରେ ବିପ୍ଳବ କରିଥିଲେ । ସେତେବେଳେ ସେମାନେ ଏ ସମାଜ, ଏ ଭାରତ ଭୁଇଁକୁ କେବେ ପର ମଣିନଥିଲେ । ସମସ୍ତଙ୍କୁ ନିଜ ପରିବାରର ବୋଲି ମାନୁଥିଲେ । ସେଥିପାଇଁ ତ ଆଜି ଆମେ ଶାନ୍ତିର ନିଶ୍ୱାସ ନେଇ ପାରୁଛେ । ତୁ ଜାଣୁ ଗାନ୍ଧିଜୀଙ୍କର ସେ ପ୍ରିୟ ଭଜନଟି କ'ଣ ଥିଲା..? ବୈଷ୍ଣବ ଜନ ତୁ ତେନେ କହିଯେ, ଜୋ ପୀଡ ପରାଇ ଜାଣେରେ ପର ଦୁଃଖେ ଉପକାର କରେ ତୋ ଯେ ମନ, ଅଭିମାନ ନ ଆଣେରେ.. । ଆହାଃ .. କି ସୁନ୍ଦର... । ଥରେ ଶୁଣିଦେଲେ ଯେମିତି ଜୀବନର ସବୁ ଶାନ୍ତି ମିଳିଯାଏ । "ବିଶୁ ବୁଢା ଏବେ ଭାବପ୍ରବଣ ହୋଇ ଆରମ୍ଭ କଲା,-" ବାପାରେ.. ସେ ଭଜନ କ'ଣ କହେ ଜାଣିଛୁ..? ସେ କହେ ରେ' ମଣିଷ ତୁ ପରା ବୈଷ୍ଣବ ସନ୍ତାନ, ତୁ ପର ଦୁଃଖେ ଦୁଃଖି ହୋଇ ତା'ର ଉପଚାର କର ରେ, ତା'ର ଉପକାର କର । କିନ୍ତୁ କେବେ ହେଲେ ମନରେ ତିଳେ ମାତ୍ର ଅଭିମାନ ରଖିବୁନି ।

କେବେ ତୁ ପର ନିନ୍ଦା କରିବୁନି, ମନକୁ ତୋର କାଚ ସଦୃଶ ସ୍ୱଚ୍ଛ ରଖି ନିଶ୍ଚଳ ରହିବା ଶିଖ୍ । ଏ ଜାଗତିକ ଭୋଗ ବିଳାସ ତୃଷ୍ଣା ନରଖି ସଭିଙ୍କୁ ସମ ଦୃଷ୍ଟିରେ ଦେଖ୍ । ତୋର ଏ ଜିହ୍ୱାରେ କେବେ ଅସତ୍ୟ ରଖନା । ପର ଧନ, ସମ୍ପତ୍ତି ନେବାକୁ କେବେ ତୋର ଏ ଦୁଇ ହାତ ପତାଅ ନା । ମୋହ ମାୟାର ଏ ସଂସାର ତୋର କ୍ଷଣସ୍ଥାୟୀ, ତା'ଠାରୁ ତୁ ନିଜକୁ ଚିର ବୈରାଗ୍ୟ ବୋଲି ଭାବି ନେ' । ହରିନାମ ରାମନାମ ହିଁ ତୋର ସକଳ ତୀର୍ଥ, ଏକଥାକୁ ମନରେ ଗଣ୍ଠିଲି କରି ରଖିନେ । କେତେ ସୁନ୍ଦର କଥାସବୁ କହିଲୁ ..? ଆହା..ଆଉ ଜାଣିଛୁ ... ସେ ଭଜନ ଆହୁରି କହେ ନିଷ୍କପଟ, ନିର୍ଲୋଭୀ, ନିଷ୍କାମ, ଶାନ୍ତ ସରଳ ହୋଇ କର୍ମ କରି ଚାଲ । ଏହା ହିଁ ତୋର କୁଳଧର୍ମ, ତୋର ଏକାନ୍ତ କାମ୍ୟ । ଆଉ ଏକଥା ତୁ ଯେଉଁଦିନ ଭଲ ଭାବରେ ଜାଣିଯିବୁ ସେବେ ଆଉ ମୋ କାମ ମୋ ରୁଚିକୁ ନେଇ ତୁ ପ୍ରଶ୍ନ କରିବୁନିରେ ବାପା..। ତାଙ୍କ ପୁଅ ବିରକ୍ତ ହୋଇ କହିଲା,- "ପ୍ଲିଜ୍ ବାପା.. ଆପଣଙ୍କ ଫିଲୋସଫି ଆପଣଙ୍କ ପାଖରେ ରଖନ୍ତୁ ।

ମୋତେ ବୁଝାଇବା ଦରକାର ନାହିଁ । ଏଇଠି ଯଦି ଆମ ମାନଙ୍କ ସହିତ ରହିବାକୁ ଚାହୁଁଛନ୍ତି ତେବେ ଚୁପ୍ ଚାପ୍ ଖାଇ ପିଇ ଘରେ ବସି ରୁହନ୍ତୁ । ଏ ସମାଜ ସେବା ନାଟକ ସବୁ ବନ୍ଦ କରନ୍ତୁ ।"ବିଶୁ ବୁଢା ଏଥରକ ପୁଣି ମୁରୁକି ହସିଦେଇ କହିଲା,-"ତୁ ଏସବୁ ବୁଝି ପାରୁନୁ କିପରି ମୁଁ ତ ଜାଣି ପାରୁନି । ହେଲେ ତୁ ମୋ କଥା ମନେ ରଖିଥା ବାପା.. ଏଇ ସମାଜ ସେବା ପରୋପକାର ଆଉ ହରିନାମ ସଂକୀର୍ତ୍ତନ ହିଁ ମୋ ଜୀବନର ଶେଷ ଇଛା । ଆଉ ସବୁବେଳେ ମୁଁ ସେ ରାଧାକୃଷ୍ଣଙ୍କୁ ଡାକୁଥିବି ମୋତେ ଯେଉଁ ଜନ୍ମ ଦେଉଛ ଦିଅ ହେ' ଠାକୁରେ .. କିଛି ଯାଏ ଆସେ ନାହିଁ, ବାସ୍.. କେବଳ ମୋ ଭିତରେ ମଣିଷତ୍ୱ ଟିକକ ବଞ୍ଚେଇ ରଖିଥିବ । ଏ ସକଳ ଜୀବାତ୍ମା ପ୍ରତି ମୋ ହୃଦୟରୁ ସତ୍ୟ, ଶାନ୍ତି, ଦୟା, କ୍ଷମା, ସେବା ମନୋଭାବ ରଖିଥିବ । ବାସ୍ .."

ସେଦିନ ପରଠାରୁ ଆଜିଯାଏଁ ବାପା ପୁଅ ଦୁହେଁ ଦୁହିଁଙ୍କ ଜିଦରେ ଅଟଳ ଥିଲେ । ତଥାପି ଠିକ୍ ଠାକ୍ ଚାଲିଥିଲା ମୋହ ମାୟାର ତାଙ୍କ ଟିକି

ସଂସାର । ଆଉ ଆଜି ସଭିଙ୍କ ମୁହଁରେ ସେଇ ଗୋଟିଏ କଥା ମଣିଷ ହେବ ତ ଠିକ୍ ବିଶୁ ବୁଢା ପରି । ହେଲେ ଶୂନ୍ୟ ଆକାଶରେ ବିଷ୍ଣୁ ଦୂତ ମାନଙ୍କ ସହିତ ଯାଉଯାଉ ବିଶୁ ବୁଢା ଯେମିତି କହୁଥିଲା ନା'ରେ ଭାଇ, ମଣିଷ ହେଇଛ ଯେବେ ନିଜ ଜନ୍ମର ଉଦ୍ଦେଶ୍ୟ ମନେ ରଖିଥାଅ । ତୁ କଣ ଜାଣୁନା..? ତୁ ପରା "ବୈଷ୍ଣବ ଜନର ପୁତ୍ର.." । ଏବେ ବିଶୁ ବୁଢାର ଦୁଇ ପୁଅ ଦୁଇ ବୋହୁଙ୍କ ଆଖିରେ କେବଳ ଅଶ୍ରୁଜଳ ପୁରି ରହିଥିଲା । ଆଉ ତାଙ୍କ ଚତୁଃପାର୍ଶ୍ୱରେ ଗୁଞ୍ଜରିତ ହେଉଥିଲା ତାଙ୍କ ପିତାଙ୍କର ଦିଗ୍ ଦର୍ଶନର ପ୍ରତ୍ୟେକଟି ବାକ୍ୟ "ବୈଷ୍ଣବ ଜନ ତୁ ତେନେ କହିୟେ, ଜୋ ପୀଡ ପରାଇ ଜାଣେରେ ପର ଦୁଃଖେ ଉପକାର କରେ ତୋ ୟେ ମନ, ଅଭିମାନ ନ ଆଣେରେ.."

*****

ଚକ୍ରଧରପୁର, କେନ୍ଦୁଝର

# ନାରୀ

ଅଭୟ ପୃଷ୍ଟି

ସେ ଜନନୀ ସେ ଭଗିନୀ ଓ ସେ ପତ୍ନୀ, ନାରୀ ବିନା ପୁରୁଷ କିଛି ନୁହଁ କି ପୁରୁଷ ବିନା ନାରୀ କିଛି ନୁହଁ ଦୁଇଜଣ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି । ତଥାପି କାହିଁକି ଆଜି ନାରୀ ଉପରେ ପୁରୁଷ ମାନଙ୍କର ଅତ୍ୟାଚାର ବଢି ଚାଲିଛି, କାହିଁକି ଆଜି ନାରୀକୁ ଦୁର୍ବଳାର ମାନ୍ୟତା ଦିଆ ଯାଉଛି, ସତରେ କଣ ନାରୀଟିଏ ଦୁର୍ବଳା ? ଆମ ମାନଙ୍କ ଭାବିବା ଟା ଭୁଲ୍, ନାରୀ କେବେ ହେଲେ ଦୁର୍ବଳା ନୁହଁ, ସେ ଆମ ଖୁସି ପାଇଁ ସବୁ କିଛି ହସି ହସି ସହିଯାଏ । ନ ହେଲେ ସେଇ ନାରୀ ବେଳେ ବେଳେ ନାରାୟଣୀ ସାଜି ଯାଆନ୍ତିତ କେତେବେଳେ ମା' ଚଣ୍ଡୀ ଆଉ କେତବେଳେ ମା' ଦୁର୍ଗା, ନାରୀ ସବୁ କିଛି କରିପାରେ । ସମାଜରେ ବଞ୍ଚି ରହିବା ପାଇଁ ଗୋଟେ ପୁରୁଷର ଯେତିକି ଅଧିକାର ଅଛି ଗୋଟେ ନାରୀର ବି ସମାନ

ଅଧିକାର ରହିଛି ହେଲେ ଏବେକାର ଯୁବପିଢି ଏମିତି ଏକ ରାସ୍ତାରେ ଗତି କରୁଛନ୍ତି ସ୍ଵାଧୀନତାର ଏତେ ବର୍ଷ ପରେ ବି ଆଜି ନାରୀଟିଏ ସୁରକ୍ଷିତ ନୁହଁ ରାତି ତ ଦୂରର କଥା ଦିନରେ ବି ଝିଅଟିଏ ଆଜି ନିଜକୁ ସୁରକ୍ଷିତ ମନେ କରୁନାହିଁ । ଏଇ ଦୁନିଆଁରେ ସମସ୍ତେ କୁହନ୍ତି ମା' ହିଁ ବଡ, ହେଲେ ଦୁଃଖର କଥା ସେଇ ମା' ଆଜି ମୁଠେ ଖାଇବାକୁ ନ ପାଇ ତା ନିଜ ଛୁଆକୁ ଅନ୍ୟ କାହାକୁ ବିକ୍ରି କରି ଦେଉଛି ମାତ୍ର କେଇଟା ଟଙ୍କା ପାଇଁ । ଦଶମାସ ଦଶ ଦିନ ଯେଉଁ ମା ଗର୍ଭରେ ଧରି ଅନ୍ତଫାଡ଼ି ଜନ୍ମ ଦେଉଛି ମାତ୍ର କେଇଟା ଟଙ୍କା ପାଇଁ ସେ ପିଲାଟାକୁ ବିକି ଦେଉଛି, କାରଣ ଖୋଜିଲେ ତ ବହୁତ୍ ମିଳିବ ହେଲେ ସବୁରି ମୂଳରେ ସେଇ ଟଙ୍କା । ମା' ଏମିତି ଏକ ମଣିଷ ସବୁ କିଛି ସେ ହସି ହସି ସହିଯାଏ ହେଲେ ତା' ସନ୍ତାନର ଭୋକିଲା ପେଟ ଦେଖିଲେ ସେ କେବେ ସହି ପାରେନା । ନେପୋଲିୟନ୍ କହିଥିଲେ ମା' ଟିଏ ଯଦି ଉପାସ ରହିବ ତା' ଆଖିର ଲୁହରେ ସାରା ଦୁନିଆଁଟା ଜଳିଯିବ, ହେଲେ ଏବେତ କେତେ ମା' ପ୍ରତିଦିନ ଉପାସରେ ରହୁଛନ୍ତି ଆଉ କିଛି ମା' ଙ୍କୁ ତ ବୃଦ୍ଧାଶ୍ରମରେ

ଦେଖିବାକୁ ମିଳୁଛି ତଥାପି କିଛି କାହା ଉପରେ କାଇଁ ଫରକ ପଡୁନାହିଁ । ଟଙ୍କା ପାଇଁ ଲକ୍ଷ୍ମୀ, ଶକ୍ତି ପାଇଁ ଦୁର୍ଗା, ଶିକ୍ଷା ପାଇଁ ଦେବୀ ଶାରଦା, ହେଲେ ମଣିଷ ଜନ୍ମ ନେବା ପାଇଁ କେବଳ ମା' ହିଁ ଆବଶ୍ୟକ । ସମସ୍ତେ ତ ନାରୀ ତାଙ୍କରି ଛୁଆଁରେ ହିଁ ତ ଏ ସଂସାର ଚାଲିଛି ତଥାପି କାହିଁକି କେଜାଣି ଝିଅଟିଏ ଯଦି ଘରେ ଜନ୍ମ ହୁଏ ସମସ୍ତଙ୍କ ଛାତି ଫାଟିଯାଏ । କିଛି କିଛି ଘରେ ତ ବୋହୁକୁ ନୋଟିସ ଲାଗୁଛି ଏହି ଥର ଯଦି ଝିଅ ଜନ୍ମ କରିବୁ ସଉତୁଣୀ ତୋ ପାଇଁ ଆସିବ, ବିଚରା ମା' ବି କାନ୍ଦି କାନ୍ଦି ଭଗବାନଙ୍କ ପାଖରେ ପ୍ରାର୍ଥନା କରେ ଯଦି ବି ଝିଅଟିଏ ହୁଏ ପରିବାରର ଖୁସି ପାଇଁ ସେ ଝିଅକୁ ଡ୍ରେନକୁ ଫୋପାଡ଼ି ଦେଇ ଚାଲି ଆସେ । ସମସ୍ତେ ଆଜି କହୁଛନ୍ତି ଝିଅ ମାନେ ପୁଅ ମାନଙ୍କଠୁ ଆଗରେ ଖେଳ କୁଦ ହେଉ କି ନାଚ ଗୀତ ହେଉ ସବୁଥିରେ ସେମାନେ ଆଗରେ, ହେଲେ ଦୁଃଖ ଏଥିପାଇଁ ଲାଗୁଛି କିଛି ଝିଅ ତ ସକାଳର ସୂର୍ଯ୍ୟ କିରଣ ନ ଦେଖିବା ଆଗରୁ ତାଙ୍କ କାହାଣୀ ଶେଷ ହେଇ ଯାଉଛି । ସମସ୍ତଙ୍କୁ ହାତ ଯୋଡି ଅନୁରୋଧ କରାଯାଉଛି କି କେହି ବି ଭ୍ରୂଣ ହତ୍ୟା କରନ୍ତୁ ନାହିଁ,

ହେଇପାରେ ଆପଣଙ୍କ ଝିଅ କାଲି ଇନ୍ଦିରାଗାନ୍ଧୀ ହେଇ ପାରନ୍ତି କିମ୍ବା କଳ୍ପନା ଚାୱଲା, ସାନିଆ ମିର୍ଜା, ଦୂତୀ ଚାନ୍ଦ, ଦୀକ୍ଷା ଗୁପ୍ତା ବି ହେଇ ପାରନ୍ତି । କନ୍ୟା ସନ୍ତାନକୁ କେହି ବି ଘୃଣା କରନ୍ତୁ ନାହିଁ । ଝିଅଟିଏ ଘରକୁ ଆସିଲେ ସ୍ୱଂୟ ମା' ଲକ୍ଷ୍ମୀ ଘରକୁ ଆସିଥାନ୍ତି ।

*****

ବାଲେଶ୍ୱର

# ଆଦ୍ୟାଶକ୍ତି ମାଆଙ୍କର ଆରାଧନା

ସ୍ୱପ୍ନାରାଣୀ ଗୁମାନସିଂହ

ଭାରତୀୟ ଧର୍ମ ପରମ୍ପରାରେ ମହାଶକ୍ତି ମା'ଦୁର୍ଗାଙ୍କର ଉପସନା ଅତି ପ୍ରାଚୀନ । ମହାଶକ୍ତିଙ୍କର ବିବିଧ କର୍ମ ମଧ୍ୟରେ ଜଗତ ସୃଷ୍ଟି ଅନ୍ୟତମ । ଅବଶ୍ୟ ବେଦାନ୍ତରେ ବ୍ରହ୍ମଙ୍କୁ ଜଗତର କାରଣ ବୋଲି ବ୍ୟକ୍ତ କରାଯାଇଛି । କିନ୍ତୁ ନିଷ୍କ୍ରିୟ ବ୍ରହ୍ମ କୌଣସି ଶକ୍ତିଙ୍କର ସହଯୋଗ ବିନା ଜଗତ ସୃଷ୍ଟି କରିବାରେ ଅସମର୍ଥ । ଶ୍ରୀଠାକୁର ରାମକୃଷ୍ଣ ପରମହଂସ କହିଥିଲେ "ବେଦରେ ଯାହାକୁ ବ୍ରହ୍ମ କୁହାଯାଇଛି, ତାଙ୍କୁ ମୁଁ ମା' ବୋଲି ଡାକୁଛି । ଯେ ନିର୍ଗୁଣ, ସେ ହିଁ ସଗୁଣ, ଯେ ବ୍ରହ୍ମ, ସେ ଶକ୍ତି । ଯେତେବେଳେ ନିଷ୍କ୍ରିୟ ବୋଲି ବୋଧ ହୁଅନ୍ତି, ସେତେବେଳେ ମୁଁ ତା'ଙ୍କୁ ବ୍ରହ୍ମ କହେ । ଯେତେବେଳେ ଭାବେ ସୃଷ୍ଟି, ସ୍ଥିତି, ପ୍ରଳୟ କରନ୍ତି

ସେତେବେଳେ ତାଙ୍କୁ ଆଦ୍ୟାଶକ୍ତି କହେ, କାଳୀ କହେ ।" ତେଣୁ ବ୍ରହ୍ମ ଓ ଶକ୍ତି ଅଭେଦ । ଗୋଟିକୁ ମାନିଲେ ଆଉ ଗୋଟିକୁ ମାନିବାକୁ ହୁଏ । ଯେପରି ସୂର୍ଯ୍ୟଙ୍କୁ ବାଦ ଦେଇ ସୂର୍ଯ୍ୟଙ୍କର ରଶ୍ମି ଭାବି ହୁଏନାହିଁ ଓ ସୂର୍ଯ୍ୟଙ୍କର ରଶ୍ମିକୁ ଛାଡ଼ି ସୂର୍ଯ୍ୟଙ୍କୁ ମଧ ଭାବି ହୁଏନାହିଁ ।  ତେଣୁ ବ୍ରହ୍ମକୁ ଛାଡ଼ି ଶକ୍ତିକୁ ବା ଶକ୍ତିକୁ ଛାଡ଼ି ବ୍ରହ୍ମଙ୍କୁ ଭାବି ହୁଏନାହିଁ । ନିତ୍ୟକୁ ଛାଡ଼ି ଲୀଳା ଆଉ ଲୀଳାକୁ ଛାଡ଼ି ନିତ୍ୟ ବି ଭାବି ହୁଏ ନାହିଁ । ଏଣୁ ଶିବ ଓ ଶକ୍ତି ନିତ୍ୟ ମିଳିତ ହୋଇ (ଅର୍ଦ୍ଧନାରୀଶ୍ୱର) ଜଗତର ସୃଷ୍ଟି, ସ୍ଥିତି ଓ ଲୟର କାର୍ଯ୍ୟ କରନ୍ତି । ଏହା ହିଁ ବ୍ରହ୍ମ- ଏହା ହିଁ ଶକ୍ତି- ଏହା ହିଁ ମାତୃଭାବ । ବ୍ରହ୍ମ ଆଉ ଶକ୍ତି ଅବିଚ୍ଛିନ୍ନ, ଯେମିତି ଅଗ୍ନି ଆଉ ଦାହିକା ଶକ୍ତି । ଅଗ୍ନି କହିଲେ ଦାହିକା ଶକ୍ତିକୁ ବୁଝାଯାଏ, ଦାହିକା ଶକ୍ତି କହିଲେ ଅଗ୍ନିକୁ ବୁଝାଯାଏ । ଯାହା କିଛି ଦେଖୁଛ ସବୁ ପୁରୁଷ ଓ ପ୍ରକୃତିର ଯୋଗ । ଶିବ-କାଳୀଙ୍କର ମୂର୍ତ୍ତି ! ଶିବଙ୍କ ଉପରେ କାଳୀ ଛିଡ଼ା ହୋଇଛନ୍ତି । ଶିବ ଶବ ହୋଇ ପଡ଼ି ରହିଛନ୍ତି । କାଳୀ ଶିବଙ୍କ ଆଡ଼େ ଚାହିଁ ରହିଛନ୍ତି । ଏସବୁ ପୁରୁଷ-ପ୍ରକୃତିର

ଯୋଗ । ପୁରୁଷ ସହିତ ପ୍ରକୃତି ସମସ୍ତ କାର୍ଯ୍ୟ କରୁଛନ୍ତି । ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତିର ମାନେ ହିଁ ତାହା ।

ଏହି ଜଗତ ଜଗଦମ୍ବାଙ୍କ ଦ୍ଵାରା ଆଚ୍ଛାଦିତ, "ଈଶାବାସ୍ୟମ୍‌ମିଦଂ ସର୍ବମ୍"- ଏହାର ଅର୍ଥ ହେଲା ମାଆ ଯେପରି ଭ୍ରୁଣକୁ ଉଦରାଭ୍ୟନ୍ତରରେ ରକ୍ଷା କରନ୍ତି ସେହିପରି ପରମେଶ୍ଵରୀ ମା'ଦୁର୍ଗା ଏହି ନିଖିଳ ଜଗତକୁ ଆଚ୍ଛାଦନ କରି ରଖିଅଛନ୍ତି । (ଈଶାବାସ୍ୟୋପନିଷଦର ଶକ୍ତି ଭାଷ୍ୟାନୁସାରେ)

ଆଶ୍ୱିନ ଆକାଶ ସଂପୂର୍ଣ୍ଣ ମେଘମୁକ୍ତ ହୋଇନାହିଁ । ଆକାଶରେ ଠାଏ ଠାଏ ଭାସମାନ ବାଦଲର ଭେଳା ଅଙ୍କିତ ଚିତ୍ରର ଭ୍ରମ ସୃଷ୍ଟି କରୁଛି । ତୃପ୍ତି ଓ ସନ୍ତୋଷର ଆଶିଷ ବହନ କରି ବେଳେ ବେଳେ ଧରାପୃଷ୍ଠରେ ଝରି ପଡୁଛି କ୍ଷୀଣ ବାରିଧାରା । କଇଁ, କୁମୁଦ, କନିଅର, କାଶତଣ୍ଡୀ, ମଧୁମାଳତୀ, ଚମ୍ପା, ଟଗର ଆଉ ନାନା ଜାତି ମନ୍ଦାର ଫୁଲରେ ଧରଣୀର ଗଭା ଶୁଶୋଭିତା ।

ଏଇତ ଶୁଭ ମୁହୂର୍ତ୍ତ, ଏଇତ ପୁଣ୍ୟବେଳା ।  ଆସ୍ଥା ଓ ବିଶ୍ୱାସର ଦେବୀ ମା’ ଦୁର୍ଗାଙ୍କ ଆଗମନ ପାଇଁ ଶରତ କାଳର ପ୍ରକୃତି ଆଜି ଉତ୍କଣ୍ଠିତା । ସମସ୍ତଙ୍କ ମନରେ ଭରିଯାଉଛି ନୂତନ ଉନ୍ମାଦନା, ଉତ୍କଣ୍ଠା ଓ ଉତ୍ସାହ । ମା’ ଆସୁଛନ୍ତି ପୃଥିବୀ ପୃଷ୍ଠକୁ ତାଙ୍କର ସନ୍ତାନମାନଙ୍କ ପାଖକୁ । କେଡ଼େ ଆନନ୍ଦ ସତେ ! ଭାରତୀୟ ପରମ୍ପରାରେ ଦଶହରା ବା ବିଜୟା ଦଶମୀ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି । ଜଗତ୍ଜନନୀ ଦୁର୍ଗାଙ୍କର ପୂଜା ହିଁ ଦଶହରାର ବୈଶିଷ୍ଟ୍ୟ । ପୁରାଣକାର ତଥା ଶାସ୍ତ୍ରକାର ପଣ୍ଡିତମାନେ ଦୁର୍ଗାଙ୍କୁ ଭିନ୍ନ ଭିନ୍ନ ରୂପରେ ଆରାଧନା ପୂର୍ବକ ବର୍ଣ୍ଣନା କରିଛନ୍ତି । ଦେବୀ ଦୁର୍ଗାଙ୍କୁ ଦୁର୍ଗତିନାଶିନୀ, ଶକ୍ତିସ୍ୱରୂପିଣୀ, ବିଦ୍ୟାଦାୟିନୀ, ଜ୍ଞାନ ପ୍ରଦାୟିନୀ, ମାତୃରୂପିଣୀ ମମତାର ଉତ୍ସ ରୂପରେ ବର୍ଣ୍ଣନା କରାଯାଇଛି । ତେଣୁ ଦେବୀ ଦୁର୍ଗାଙ୍କୁ ଆରାଧନା କରିବାକୁ ଯାଇ ଭାବବିହ୍ୱଳରେ ଭକ୍ତମାନେ ଗାଇ ଉଠନ୍ତି,

“ଯାଦେବୀ ସର୍ବଭୂତେଷୁ ମାତୃ ରୂପେଣ ସଂସ୍ଥିତା”

"ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା"

"ଯା ଦେବୀ ସର୍ବ ଭୂତେଷୁ ବିଦ୍ୟା ରୂପେଣ ସଂସ୍ଥିତା "

ଶରତକାଳୀନ ନିର୍ମଳାକାଶ । ଧରାପୃଷ୍ଠ ସବୁଜିମାରେ ପରିପୂର୍ଣ୍ଣ । ପ୍ରକୃତି ଉଲ୍ଲସିତ ଆଉ ଚଳ ଚଞ୍ଚଳ । ବସ୍ତୁତ ସଂସାରରେ ଯେ କୌଣସି ଅପୂର୍ଣ୍ଣ ବସ୍ତୁର ସ୍ୱରୂପ ଓ ସ୍ୱଭାବ ହେଲା ବିଶାଳ ଶତଦଳ ପ୍ରାୟ ପରିପୂର୍ଣ୍ଣ ଓ ପରିପୁଷ୍ଟ ହେବା । ବିନ୍ଦୁଟିଏ ଅଜସ୍ର ବିନ୍ଦୁ ସହିତ ମିଶି ସିନ୍ଧୁରେ ପରିଣତ ହେବା । କ୍ଷୁଦ୍ର ଝରଣାର କ୍ଷୀଣ ଜଳଧାରାଟିଏ ପର୍ବତ ଶିଖରରୁ ବାହାରି ଦେଶ ଦେଶାନ୍ତରରେ ପ୍ରବାହିତ ହୁଏ । କ୍ରମଶଃ ସ୍ଫୀତକାୟ ହୋଇ, ବିଶାଳ ଓ ବିରାଟ ରୂପ ଧାରଣ କରି ସମୁଦ୍ରରେ ମିଶିଯାଇଥାଏ । ଏଥିପାଇଁ ସେ କମ୍ ବାଧାବିଘ୍ନର ସମ୍ମୁଖୀନ ହୋଇ ନଥାଏ ।

ସଂସାରର ଯାବତୀୟ ଉତ୍ତରଣ ପାଇଁ ଏମାନେ ସମସ୍ତେ ଏହିପରି ଶକ୍ତିର ଆରାଧନା କରି ଚାଲିଛନ୍ତି । ଏହା ହିଁ ସାଧନା, ତାହାର ସ୍ୱରୂପ ହେଲା କ୍ଷୁଦ୍ରରୁ ବୃହତ, ଅପୂର୍ଣ୍ଣରୁ ପୂର୍ଣ୍ଣ, ଅଶୁଦ୍ଧରୁ ଶୁଦ୍ଧ, ନିରାନନ୍ଦରୁ

ଆନନ୍ଦ ପ୍ରତି ଅଗ୍ରସର ହେବା । ଉପସ୍ଥିତ ହେବା ଏବଂ ଉନ୍ନୀତ ହେବାର ନିଶ୍ଚିତ ପ୍ରେରଣା ।

ଦଶହରା ପୂଜା ପାର୍ବଣରେ ମାତୃଶକ୍ତିର ଆବାହନ କରାଯାଇଥାଏ । ମା' ଦୁର୍ଗା ଦୁର୍ଗତିନାଶିନୀ ସଙ୍କଟ ସମୟରେ ସ୍ମରଣ ମାତ୍ରେ ପ୍ରାଣୀର ଭୟ ନାଶ କରନ୍ତି । 'ଦୁର୍ଗା' ଶବ୍ଦର ଅର୍ଥ ଯେ ଦୁଃଖ, ଦାରିଦ୍ର୍ୟ ଦୁର୍ନୀତି ଓ ଦୁର୍ଦ୍ଦିନର ତ୍ରାଣ କରିପାରନ୍ତି । ସେ ଇଚ୍ଛାଶକ୍ତି, ଜ୍ଞାନଶକ୍ତି, ଓ କ୍ରିୟାଶକ୍ତିର ଆଧାର । ସେ ଜଗଦମ୍ବା, ଯୋଗେଶ୍ୱରୀ ଓ ଯୋଗମାୟା । ସୃଷ୍ଟିର କୋଣ ଅନୁକୋଣରେ ମା'ଙ୍କର ଉପସ୍ଥିତି ଅନୁଭୂତ ହୋଇଥାଏ । ଏ ବିଶ୍ୱବ୍ରହ୍ମାଣ୍ଡ ହେଉଛି ତାଙ୍କରି ଚିନ୍ମୟ ମୂର୍ତ୍ତି । ସମସ୍ତ ରୂପ ରଙ୍ଗ ବାସ୍ନା ମା ଆଦି ଶକ୍ତିଙ୍କ ଠାରୁ ହିଁ ଉତ୍ପନ୍ନ । ଶକ୍ତି ସାହାଯ୍ୟରେ ସଂସାରରେ ବିକାଶର କ୍ରିୟା ସାଧିତ ହୁଏ, ସେ ଶକ୍ତି ବ୍ରହ୍ମଶକ୍ତି । ବ୍ରହ୍ମଶକ୍ତିକୁ ଶାସ୍ତ୍ରରେ ଆଦ୍ୟାଶକ୍ତି, ମହାମାୟା ପ୍ରକୃତି ଇତ୍ୟାଦି ନାମରେ ଅଭିହିତ କରାଯାଇଛି । ଶକ୍ତି ସମନ୍ୱିତ ବ୍ରହ୍ମଙ୍କୁ ଆମେ ଈଶ୍ୱର ବା ଭଗବାନ ବୋଲି କହୁ ।

ଯେଉଁଠି ଐଶ୍ୱର୍ଯ୍ୟ ଅଛି, ବିଭୂତି ଅଛି , ତାହା ବ୍ରହ୍ମ ହୋଇପାରେନା । ଆଚାର୍ଯ୍ୟ ଶଙ୍କର ଏହି ତତ୍ତ୍ୱଟିକୁ ତାଙ୍କର ସୌନ୍ଦର୍ଯ୍ୟଲହରୀରେ ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି -

ଶିବଃ ଶକ୍ତ୍ୟା ଯୁକ୍ତ ଯଦି

ଭବତି ଶକ୍ତଃ ପ୍ରଭବିତୁଂ ।

ନଚେତ୍

ଏବଂ ଦେବୋ ନ ଖଲୁ

କୁଶଳଃ ସ୍ପନ୍ଦିତୁମପି ।

ଶିବ ଅର୍ଥାତ୍ ନିର୍ଗୁଣ ବ୍ରହ୍ମ ଯଦି ଶକ୍ତିର ସଙ୍ଗେ ଯୁକ୍ତ ହୁଏ, ତେବେ ଏହି ସୃଷ୍ଟି ଲୀଳା ସମ୍ଭବ ହୋଇପାରିବ ନଚେତ୍ ସେଥିରେ ସାମାନ୍ୟ ସ୍ପନ୍ଦନ ବି ହେବା ସମ୍ଭବପର ନୁହେଁ ।

ବାସ୍ତବରେ ଶକ୍ତି ହିଁ ପ୍ରକୃତି । ପ୍ରକୃତି କହିଲେ ସଚରାଚର ଦୃଶ୍ୟମାନ ଶୋଭାବର୍ଦ୍ଧକ ସୁଷମାଯୁକ୍ତ ପ୍ରକୃତି ବୋଲି ବୁଝୁ ।

ଯେପରିକି ନଦ, ନଦୀ, ଶୈଳ, ସିନ୍ଧୁ, ବନ, ଉପବନ ଇତ୍ୟାଦି । ଏହା ଜଗତର ବାହ୍ୟିକ ଏକ ଆବରଣ । ମାନବ ପ୍ରାଣରେ ରସବୋଧ ଜାଗ୍ରତ କରିବା ପାଇଁ ଏକ ମାୟାର ବିସ୍ତାର ଏଥିରେ ଲୀଳାୟିତ । ଯେଉଁ ପ୍ରକୃତିଯୁକ୍ତ ହେଲେ ବ୍ରହ୍ମ ଈଶ୍ୱର ହୋଇଯାନ୍ତି ସେ ପ୍ରକୃତି ଏହା ନୁହେଁ । ଈଶ୍ୱରଙ୍କର ଏହି ଶକ୍ତିର ପୁଣି ଦୁଇ ରୂପ ଅଛି । ପରା ପ୍ରକୃତି ଓ ଅପରା ପ୍ରକୃତି । ପରା ପ୍ରକୃତି ଏବଂ ଅପରା ପ୍ରକୃତି ପରସ୍ପରର ପରିପୂରକ । ପରା ପ୍ରକୃତି ସହାୟରେ ଈଶ୍ୱର ସକଳ ଜୀବର ଅନ୍ତରସ୍ଥିତ ଜ୍ଞାତା, ସାକ୍ଷୀ, ଚୈତନ୍ୟ ରୂପରେ ପ୍ରକାଶିତ ଏବଂ ଅପରା ପ୍ରକୃତିର ସାହାଯ୍ୟରେ ସେ ଅନନ୍ତ କ୍ରିୟାଶକ୍ତି ରୂପରେ ବ୍ୟକ୍ତ । ଗୋଟିଏ କଥାରେ କହିଲେ - ଏହି ଜଗତ ବ୍ରହ୍ମର କ୍ରିୟାଶକ୍ତିର ହିଁ ବିକାଶ ।

ଏହି ତତ୍ତ୍ୱର ପ୍ରତୀକ ଶିବ ଓ ଶକ୍ତି । ଏକ ଓ ଅଭିନ୍ନ ହୋଇ ମଧ୍ୟ ଯେପରି ଦୁଇ, ପରସ୍ପର ଓ ପରସ୍ପରର ପରିପୂରକ । ଶିବ ପ୍ରକୃତିର ସାକ୍ଷୀ, ଦ୍ରଷ୍ଟା ଏବଂ ଆଶ୍ରୟ ଓ ଶକ୍ତି ସଦାକ୍ରିୟାନିରତା ।

ଶକ୍ତିକୁ ବାଦ ଦେଇ ଶକ୍ତିମାନର ଚିନ୍ତା ଅସମ୍ଭବ । ଶ୍ରବଣ, ମନନ ଓ ଦୃଷ୍ଟିପଥ ଦେଇ ଆମ ଚେତନାରେ ଶକ୍ତି କାର୍ଯ୍ୟ କରିଚାଲିଛି । ଶକ୍ତି ଯେତେବେଳେ ଶକ୍ତିମାନରେ ଲୀନ ଥାଏ, ଯେମିତି ମଞ୍ଜିଟି ଭିତରେ ପତ୍ର, ଫୁଲ, ଫଳ ମଣ୍ଡିତ ବିଶାଳ ବୃକ୍ଷ ଲୁଚି ରହିଥାଏ, ସେତେବେଳେ ସୃଷ୍ଟି ନଥାଏ । ଯେତେବେଳେ ଚତନ୍ୟ ଈଶ୍ୱରର ଇଚ୍ଛାରେ ତାହାର ସତ୍ତ୍ୱ, ରଜଃ, ତମଃ ଗୁଣାତ୍ମିକା ପ୍ରକୃତିରେ ଚଞ୍ଚଳତା ଆସେ, ସେତେବେଳେ ତ୍ରିଗୁଣର ଅଳ୍ପ ବହୁତ ତାରତାମ୍ୟ ସୂତ୍ରରେ ଅସଂଖ୍ୟ ନାମ ରୂପରେ ଉତ୍ପତ୍ତି ହୋଇଥାଏ । ଏହାକୁ କୁହାଯାଏ ଈଶ୍ୱରଙ୍କର ସୃଷ୍ଟିଲୀଳା । ଶିବଶକ୍ତିର ମେଳଣ । ଶିବ ତ ଏକାଗ୍ର ଭାବରେ ଧ୍ୟାନମଗ୍ନ, ଶାନ୍ତ ନିସ୍ପନ୍ଦ ଭାବରେ ବିରାଜମାନ । କିନ୍ତୁ ଏ ଭାବକୁ ମନ୍ଦ୍ରିତ ନ କଲେ, ଚଞ୍ଚଳ ନକଲେ, ଅବତାରରେ ନାରାୟଣ-ଲକ୍ଷ୍ମୀ, ରାମ-ସୀତା, କୃଷ୍ଣ-ରାଧା ସାଧାରଣରେ ପୁରୁଷ ସ୍ତ୍ରୀ ଯେଉଁ ଲୀଳା ରଚିତ ହୋଇଛି ତାହା ସମ୍ଭବ ହୋଇ ନ ଥାଆନ୍ତା । ଯୁଗେ ଯୁଗେ ଶ୍ରୀ ଭଗବାନଙ୍କର ନରଦେହେ ଅବତୀର୍ଣ୍ଣ

ହେବାର ପଶ୍ଚାତରେ ଏହି ସତ୍ୟ ବାରମ୍ବାର ସମର୍ଥିତ ହୋଇଛି । ଏଠି ଏକ ପ୍ରଶ୍ନ ହେଉଛି କେଉଁ ଭାବରେ ଭଗବାନଙ୍କୁ ଦେଖିବା ? କିପରି ଭାବରେ ପାଇବା ? ନିର୍ଗୁଣ ବ୍ରହ୍ମ ସମସ୍ତଙ୍କର ଉପାସ୍ୟ ହୋଇପାରେନା । ଭାରତବର୍ଷରେ ସାଧାରଣତଃ ପଞ୍ଚଭାବର ଉଲ୍ଲେଖ କରାଯାଇଛି । ଯଥା ରାଜା-ପ୍ରଜା, ପିତା-ପୁତ୍ର, ମାତା-ପୁତ୍ର, ପତି-ପତ୍ନୀ, ସଖା-ସଖା ଅଥବା ସଖା-ସଖୀ ।

ସବୁ ଭାବର ଉର୍ଦ୍ଧ୍ୱରେ ଯେ ପୂର୍ଣ୍ଣତମ ପ୍ରତୀକ ସେ ହେଉଛନ୍ତି ଆମର ମା' । ଯିଏ ଆମଠାରୁ ଉଚ୍ଚରେ ଅଧିଷ୍ଠିତ, ଅଥଚ ଇଚ୍ଛା କରିବାମାତ୍ରେ ଅନାୟାସରେ ଆମର ସ୍ଥିତି ସ୍ତରକୁ ଅବତରଣ କରି ଆସିପାରିବେ, ଯେ ଆମକୁ ସ୍ନେହ ଶ୍ରଦ୍ଧାରେ ପାଳନ କରିପାରିବେ, ପୁଣି ଶାସନ କରିବେ ନ୍ୟାୟ ଧର୍ମାନୁସାରେ ଚରମ ଦୃଢ଼ତାର ସହିତ ଯେ ଆମର ଅତି ନିକଟତମ, ପରିହାସ ପ୍ରିୟ, ଲଘୁରସର ସଂଚାରକ, ଯିଏ ଉଭୟ କଠୋର ଓ କୋମଳ ପାଖାପାଖି ସମନ୍ୱିତ ଭାବରେ ଯିଏ ଅପୂର୍ବା

ମାଆର ଭିତରେ ସମ୍ମିଳିତ ହୋଇଛି ଆମର ଅନ୍ତରସ୍ଥ ଭୀଷଣ ରୀପୁକୁଳ- କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟକୁ ଜୟ କରିବାର ଉପଯୋଗୀ ସେଇ ଅମୋଘ ଛଅଟି ଅସ୍ତ୍ର- ସାମ୍ୟ, ଐକ୍ୟ, ପ୍ରୀତି, ମୈତ୍ରୀ, ସେବା ଓ ତ୍ୟାଗ । ମାଆଙ୍କର ଶାରଦ ଆଗମନରେ ଚଳଚଞ୍ଚଳ ହୋଇଉଠୁଛି ପୁରପଲ୍ଲୀ, ସହର, ନଗର । ସର୍ବତ୍ର ଏକ ମଙ୍ଗଳମୟ ପରିବେଶ । ଶଙ୍ଖ, ତୁରୀ, ଭେରୀ, ଘଣ୍ଟ, ଘଣ୍ଟିରେ ଚତୁର୍ଦ୍ଦିଗ ମୁଖରିତ ହୋଇଉଠୁଛି । ମାଆ ସକଳ ଦେବଗଣଙ୍କ ଶକ୍ତିର ଏକୀଭୂତ ରୂପ । ସେ ଶକ୍ତିର ପ୍ରତୀକ ସିଂହ ପୃଷ୍ଠରେ ଉପବେଶନ କରି ଧରାପୃଷ୍ଠକୁ ଅବତରଣ କରନ୍ତି । ଦୁଷ୍କୃତି ବିନାଶ କରି ସନ୍ଥଜନ ପାଳନ କରନ୍ତି । ସକଳ ବିଶ୍ୱଜଗତକୁ ନିଜର ପଣତକାନିରେ ଢାଙ୍କି ରଖି ସମସ୍ତଙ୍କୁ ଅଭୟ ପ୍ରଦାନ କରୁଥିବା ଏହି ଦେବୀ ମା'ଙ୍କ ଆଗମନକୁ ସଭିଙ୍କ ଅପେକ୍ଷା ।

ଭଗବାନ ଶ୍ରୀ ରାମଚନ୍ଦ୍ର ତ୍ରେତୟା ଯୁଗରେ ଶକ୍ତି ପୂଜା କରି ପ୍ରବଳ ପ୍ରତାପୀ ରାବଣକୁ ବିନାଶ କରିଥିଲେ । ଦ୍ୱାପର ଯୁଗରେ କୃଷ୍ଣଙ୍କୁ

ପାଇବା ପାଇଁ ଗୋପୀମାନେ ଏହି ଉପାସନାରେ ମଗ୍ନ ଥିଲେ । କୁରୁକ୍ଷେତ୍ର ଯୁଦ୍ଧରେ ବିଜୟଲାଭ ପାଇଁ ଅର୍ଜ୍ଜୁନ ମଧ୍ୟ ମା' ଦୁର୍ଗାଙ୍କୁ ଆରାଧନା କରିଥିଲେ । ସତ୍ୟ ଯୁଗରେ ମହିଷାସୁରର ଉପଦ୍ରବ, ଉତ୍ପୀଡ଼ନରୁ ରକ୍ଷା କରିବାପାଇଁ ଶକ୍ତିମୟୀ ମା ଦୁର୍ଗା ଆର୍ବିଭୂତା ହୋଇଥିଲେ । ଯେଉଁ ଶକ୍ତିର ଆରାଧନାରେ ସୁରାସୁର ସମସ୍ତେ ସଫଳ ହୋଇଥାନ୍ତି, ସେଇ ଦେବୀଙ୍କ ଉପାସନାକୁ ସମସ୍ତେ ଶ୍ରଦ୍ଧା ଓ ଭକ୍ତିର ସହିତ କରିଥାଆନ୍ତି । ସେଥିପାଇଁ ତ ଗଗନ ପବନରେ ଭାସି ଆସୁଛି ମାତୃ ଆବାହନୀ:

'ଦୁର୍ଗେ ଦେହୀ କୃପା କଟାକ୍ଷ କଣୀକାଂ ସଂଜୀବନୀଂ ମାନବେ

ପିୟୂଷଂ ନରଜୀବନେ ଭବତୁ ତତ ଜ୍ୟୋତିର୍ଯଥା ଭାନବେ ।'

ପୁଣ୍ୟଭୂମି ଭାରତବର୍ଷରେ ପଞ୍ଚମାତା ଏକତ୍ରପୂଜିତ ହୁଅନ୍ତି । ଯଥା- ବିଶ୍ୱଜନନୀ, ଗୃହଜନନୀ, ଦେଶଜନନୀ, ଭାଷାଜନନୀ, ଓ ସଂସ୍କୃତଜନନୀ । ଏହି ସାମ୍ୟ, ଐକ୍ୟ, ପ୍ରୀତି, ମୈତ୍ରୀ, ସେବା, ତ୍ୟାଗର

ଜ୍ୱଳନ୍ତ ପ୍ରତିମା ଏହି 'ମାଆ' ।

ଆଜି ସମୟ ଉପନୀତ । ଏହି ପବିତ୍ର ପାର୍ବଣରେ ଆମେ ଆତ୍ମ ନିରୀକ୍ଷଣ କରିବା, ଆତ୍ମା ସଂଶୋଧନ କରିବା । ଆମ ଭିତରେ ଭରି ରହିଥିବା ସକଳ ଦୁଷ୍ଟ ପ୍ରବୃତ୍ତିକୁ ନିଧନ କରି ଏକ ସଦ୍ଭାବନାରେ ନିଜକୁ ବିଭୂଷିତ କରି ମା'ଙ୍କ ପାଦପଦ୍ମରେ ପ୍ରାର୍ଥନା କରିବା । ଆମେ ଯାହା ଉଚିତ ବୋଲି ବିଚାର କରୁଛୁ, ବର୍ତ୍ତମାନ ପାଇଁ ପ୍ରୟୋଜନ ବୋଲି ମନେ କରୁଛୁ ସେସବୁକୁ ବୁଝି ବିଚାରି, ବିବେକ ଓ ବୁଦ୍ଧିର ଉପଯୁକ୍ତ ବ୍ୟବହାର କରି ଯତ୍ନର ସହିତ ସେ ଦିଗରେ ଆଗେଇ ଚାଲିଲେ ସଂସାରର ଆବର୍ଜନା ଆମ ଭିତରେ ପ୍ରବେଶ କରିପାରିବ ନାହିଁ । ଆମ ଭିତରେ ଲୁଚି ରହିଥିବା ମହିଷାସୁରର ଅନ୍ତ ଘଟିବ । ଆମର ପ୍ରତ୍ୟେକ ପୂଜା ପାର୍ବଣର ପ୍ରକୃତ ଉଦ୍ଦେଶ୍ୟ ସମୂହ କଲ୍ୟାଣ ସାଧନରେ ଆଧ୍ୟାତ୍ମିକ ଜାଗରଣ ସମ୍ଭବ ହେବ । ଶାନ୍ତିପୂର୍ଣ୍ଣ, ସୌହାର୍ଦ୍ଦପୂର୍ଣ୍ଣ ସହବସ୍ଥାନ ନିମନ୍ତେ ପଥ ପରିଷ୍କାର ହୋଇପାରିବ ।

ଆଜି ଜୀବନ ଯାତ୍ରାର ଗତି ଅତି ଦ୍ରୁତ । ପରିବର୍ତ୍ତନଶୀଳ ସଭ୍ୟତା ମଧ୍ୟରେ ଆମର ସଂସ୍କୃତି ରୁନ୍ଧି ହୋଇଯାଇଛି । ପଦ-ପଦବୀ, କ୍ଷମତା, ବୃଥା ଅହଙ୍କାର, ଗର୍ବ, ଅଭିମାନ, ପରଶ୍ରୀକାତରତା, ପ୍ରଭୁତ୍ୱ ମଣିଷକୁ ଅନ୍ଧ କରିଦେଇଛି । ମଣିଷ ମଣିଷ ଭିତରେ ଗଢ଼ି ଉଠିଛି ଭେଦଭାବର ଅସଂଖ୍ୟ ପାଚେରୀ । ଅର୍ଥ ପ୍ରତିପତି ପାଖରେ ସାରସତ୍ୱ ସାଧନା, ସେବା, ପ୍ରେମ, ଭକ୍ତି, ଦୟା, କରୁଣା, ଆଧ୍ୟାତ୍ମିକ ଚିନ୍ତା ଚେତନା ସଂକୁଚିତ ହୋଇଯାଉଛି । ଏହିପରି ଘଡ଼ିସନ୍ଧି ମୁହୂର୍ତ୍ତରେ ମା' ଦୟାମୟୀ, କରୁଣାମୟୀ ଜଗଜ୍ଜନନୀଙ୍କର ଆଶୀର୍ବାଦ, କରୁଣା ପ୍ରତ୍ୟେକ ମଣିଷ ପାଖରେ ପହଞ୍ଚିବା ଜରୁରୀ ହୋଇପଡ଼ିଛି ।

ହେ ଜଗନ୍ମାତା ଶୁଭଦର୍ଶିନୀ ଦୁର୍ଗେ, ତୁମେ ଆମର ଚେତନାକୁ ଜାଗ୍ରତ କର, ଆମର ଚିନ୍ତା ଉଦାର ହେଉ । ଆମର ସର୍ବବିଧ ମୋହଗ୍ରସ୍ତ ବନ୍ଧନକୁ ଛିନ୍ନ କର । ଆମ ଜୀବନକୁ ଆନନ୍ଦମୟ କର । ତୁମରି ଦିବ୍ୟ ପ୍ରଭାବରେ ଏ ବିଶ୍ୱ ପରିବେଶ ପବିତ୍ର ହୋଇଉଠୁ ।

ତୁମର ଏ ଆଗମନ ଆମ ସମସ୍ତଙ୍କ ପାଇଁ ଶାନ୍ତି, ପ୍ରୀତି ଓ ସଂହତିର ବାର୍ତ୍ତା ବହିଆଣୁ । ଏ ପୃଥିବୀ ଆହୁରି ସରସ, ସୁନ୍ଦର, ମଧୁମୟ ହୋଇଉଠୁ ।

*****

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ଅକ୍ଟୋବର ୨୦୧୯ ସଂସ୍କରଣ । ଏହି ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ [www.preranaodia.com/feedback](www.preranaodia.com/feedback) ପ୍ରଦାନ କରିବାକୁ ଅନୁରୋଧ ।

Prerana

GET IT ON Google play

"ପ୍ରେରଣା" ଆପ୍ ଡାଉନଲୋଡ୍ କରିବା ପାଇଁ ନିମ୍ନୋକ୍ତ ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ।

[https://play.google.com/store/apps/details?id=com.debi.prerana](https://play.google.com/store/apps/details?id=com.debi.prerana)